

ଟିପ୍ପଣୀ

# ୩୨

# ଔପନିବେଶିକ ରାଷ୍ଟ୍ର

ନେବା ବ୍ରିଟେନ ଭାରତର ସାର୍ବୋଭୌମତ୍ୱ ଅର୍ଥାତ୍ ଅଖଣ୍ଡ କ୍ଷମତା ନିଜ ହାତକୁ ନେବାଦ୍ୱାରା ସାମ୍ରାଜ୍ୟବାଦୀ ଔପନିବେଶିକ ସମ୍ପର୍କର ସ୍ଥାପନା ହୋଇଥିଲା । ସେତେବେଳେ ସ୍ଥାନୀୟ ଭାରତୀୟ ଶାସକମାନେ ନିଜ ନିଜର କ୍ଷମତା ଉପରେ ନିୟନ୍ତ୍ରଣ ରଖିବା ପାଇଁ ଅସମର୍ଥ ତଥା ନିଜ ନିଜର ଅନଗ୍ରସରତା ପାଇଁ ହିଁ ଭାରତରେ ବ୍ରିଟିଶ ଶାସନର ସ୍ଥାପନା ହୋଇଥିଲା । ଔପନିବେଶିକ ରାଷ୍ଟ୍ରର ରାଜନୈତିକ ଅଧିକାରୀମାନେ ନିଜର ନିୟନ୍ତ୍ରଣରେ ରଖିବା ପାଇଁ ତଥା ଆଇନ୍‌କାନୁନ୍ ପ୍ରୟୋଗ କରିବା ପାଇଁ ବହୁ ଉପକରଣମାନ ଯୋଗାଡ଼ କରିଥିଲେ ଯାହାକି ଔପନିବେଶିକ ନୀତି ପ୍ରଣୟନର ପୂର୍ବ ସର୍ତ୍ତ ଅଟେ । ଔପନିବେଶିକ ଶାସନ କିପରି ବୈଧ ହେଲା ଏବଂ ଔପନିବେଶିକ ରାଷ୍ଟ୍ରର କ୍ଷମତାକୁ ପରାଧିନ ସର୍ବସାଧାରଣ କେଉଁ ଦୃଷ୍ଟିରେ ଦେଖିବାକୁ ଲାଗିଲେ ଇତ୍ୟାଦି ଜାଣିବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ ।

## ଉଦ୍ଦେଶ୍ୟ

**ଏହା ପଢ଼ିଲା ପରେ ତୁମେ**

- ଔପନିବେଶିକ ରାଷ୍ଟ୍ରର ଅର୍ଥ ଏବଂ ସ୍ୱରୂପ ଜାଣି ପାରିବ
- ଭାରତରେ ଔପନିବେଶିକ ଉଦ୍ଦେଶ୍ୟକୁ ସ୍ମରଣ କରିପାରିବ
- ଔପନିବେଶିକ ନିୟନ୍ତ୍ରଣ ପାଇଁ ସର୍ତ୍ତକୁ ଚିହ୍ନି ପାରିବ
- ଔପନିବେଶିକ ଶାସନର ପ୍ରତୀକ ଏବଂ ପ୍ରଭାବ ମଧ୍ୟ ଖୋଜି ପାଇବ

## ୩୧.୧ ପୃଷ୍ଠଭୂମି

ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୋଗଲ ସାମ୍ରାଜ୍ୟର ପତନ ଘଟିଥିଲା । ବଙ୍ଗଳା, ହାଇଦ୍ରାବାଦ, ଅବଧ, ପଞ୍ଜାବ ଏବଂ ମହାରାଷ୍ଟ୍ର ଭଳି କେତେକ ଆଞ୍ଚଳିକ ରାଜ୍ୟଗୁଡ଼ିକର ଉତ୍‌ଥାନ ସହିତ ରାଜନୈତିକ ଶୂନ୍ୟତା ପୂରଣ ହୋଇଥିଲା । କିନ୍ତୁ ଉକ୍ତ କ୍ଷେତ୍ରୀୟ ରାଷ୍ଟ୍ରଗୁଡ଼ିକ ରାଜନୈତିକ ସ୍ଥିରତା ପ୍ରଦାନ କରିପାରି ନଥିଲେ ଯାହାର ପରିଣାମ ସ୍ୱରୂପ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଭାରତରେ କ୍ଷେତ୍ରୀୟ ସାମ୍ରାଜ୍ୟ ସ୍ଥାପନ କରିବାକୁ ସୁଯୋଗ ମିଳି ଯାଇଥିଲା । ତେଣୁ ଭାରତକୁ ଔପନିବେଶିକ ସଂଗଠୀତ କାର୍ଯ୍ୟପ୍ରଣାଳୀ ମାଧ୍ୟମରେ ଶାସନ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ସଂସ୍ଥା ତଥା ଆଇନକାନୁନ୍‌ର ଆବଶ୍ୟକତା ପଡ଼ିଲା ।

### (i) ଔପନିବେଶିକ ରାଷ୍ଟ୍ରର ଅର୍ଥ

ଇଂରେଜମାନେ ରାଜ୍ୟ ଜୟ ପୂର୍ବରୁ କ୍ଷେତ୍ରୀୟ ଜନତା ଏବଂ ସାର୍ବୋଭୌମ କ୍ଷମତା ରେ ଥିବା ସମ୍ପର୍କକୁ କେବେବି ଧର୍ମ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପରିଭାଷିତ କରାଯାଇ ନଥିଲା । ଆର୍ଥିକ ଏବଂ



ଟିପ୍ପଣୀ

ସାମାଜିକ ସମ୍ବନ୍ଧର ଏକ ଖିଅ ଔପନିବେଶିକ ସମନ୍ୱୟ, ସଙ୍କଟ ଏବଂ ପତନ କାଳର ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଜିବିତ ରହିଥିଲା, ଯାହା ଉପମହାଦେଶକୁ ସ୍ୱାଧୀନତାର ଏକ ଶିଥିଳ ସ୍ତରୀୟ ଆଧାରରେ ବାନ୍ଧି ରଖିଥିଲା । ପରମ ଶକ୍ତିକୁ ଅନେକ ସ୍ତରରେ ରଚନାତ୍ମକ ଢ଼ଙ୍ଗରେ ସମାୟୋଜିତ କରିବାର ଏକ ଦୀର୍ଘ ଇତିହାସ ସତ୍ୱେ ସ୍ୱାଧୀନ ଭାରତରେ କ୍ଷମତା ବଣ୍ଟନ ପାଇଁ ହୋଇଥିବା ପୁନଃ-ଆଲୋଚନାରେ ରାଷ୍ଟ୍ରକୁ ଗୋଟିଏ ଡ଼ୋରୀରେ ଯୋଡ଼ିବାର ବିଚାର ଉପରେ ଆଧାରିତ କ୍ଷେତ୍ରୀୟ ସାର୍ବୋଭୌମତ୍ୱର ଏକ କଠୋର ଏବଂ ସ୍ଥୁଳ ସଂକଳ୍ପକୁ ଦେଖାଯାଉଥିଲା । ଔପନିବେଶିକ ରାଷ୍ଟ୍ରର ଅର୍ଥ ହେଲା ଏକ ବିଦେଶୀ ରାଜନୈତିକ ସ୍ଥିତିରେ କୌଣସି ଦେଶର ସାର୍ବଭୌମତ୍ୱ (ଶାସନ ଏବଂ ନିୟନ୍ତ୍ରଣ କରିବା ପାଇଁ ଆଇନ ଅନୁଯାୟୀ ସ୍ୱାଧୀନ କ୍ଷମତା) ଗ୍ରହଣ କରିବା । ଔପନିବେଶିକ ରାଷ୍ଟ୍ରକୁ ଔପନିବେଶିକ ଏବଂ ଉପନିବେଶ (colony) ବିଷୟୁ ଉପରେ ବିଶେଷ ସନ୍ଦର୍ଭରେ ସାର୍ବଭୌମତ୍ୱର ଏକ ସିଦ୍ଧାନ୍ତ ପ୍ରସ୍ତୁତ କରିବାକୁ ପଡ଼ିଥାଏ । ସାଧାରଣତଃ ଏହା ଦୁଇପ୍ରକାରର ହୋଇଥାଏ ।

୧. ଔପନିବେଶିକ ରାଷ୍ଟ୍ରକୁ ବୈଧତା ପ୍ରଦାନ କରିବା ଅର୍ଥାତ୍ ଏକ ବିଦେଶୀ ରାଷ୍ଟ୍ରର ଆଇନ ସଙ୍ଗତ ଉପସ୍ଥିତିକୁ ନ୍ୟାୟ ସଙ୍ଗତ ବୋଲି କହିବା ଯାହାକି ଆପେ ଆପେ ଦ୍ୱିତୀୟ ପ୍ରକ୍ରୀୟ ଆଡ଼କୁ ନେଇଯାଏ ଯଥା:- ୨.ଔପନିବେଶିକ ପୂର୍ବ ଦେଶୀ ରାଜନୈତିକ କ୍ଷମତାକୁ ଧ୍ୱଂସ କରି ଅଥବା ତାକୁ ଅବୈଧ ଘୋଷଣା କରି ।

(ii) **ଔପନିବେଶିକ ରାଷ୍ଟ୍ରର ସ୍ୱରୂପ** (Nature of the colonial state)

ଔପନିବେଶିକ ରାଷ୍ଟ୍ର କିଭଳି ହୋଇପାରିବ ଏହି ଯୋଜନା କରି ଇଂରେଜମାନେ ଭାରତରେ ତାଙ୍କର ଶାସିତ ଅଞ୍ଚଳଗୁଡ଼ିକୁ ନିଜ ଚିନ୍ତାଧାରା ଅନୁସାରେ ସମନ୍ୱୟ ପ୍ରକ୍ରିୟା ଫଳରେ କେତେକ ଆଧୁନିକ ବିଶେଷତା ସହିତ ଏକ ଆଧୁନିକ ରାଷ୍ଟ୍ରର ଉଦୟ ହେଲା । ଆଧୁନିକ ରାଷ୍ଟ୍ର ଭଳି ଔପନିବେଶିକ ସରକାରଙ୍କ ପାଖରେ ସୈନ୍ୟବାହିନୀର ଏକାଧିପତ୍ୟ, କର ଆଦାୟ ପାଇଁ ଏକ କେନ୍ଦ୍ରିକୃତ ପ୍ରଶାସନ, ଏକ କେନ୍ଦ୍ରିକୃତ ଆଇନ ପ୍ରଣାଳୀ, ପ୍ରଶିକ୍ଷିତ ପ୍ରଶାସକ ଏବଂ ଅମଲାତନ୍ତ୍ର ଏବଂ ସ୍ପଷ୍ଟ ନିର୍ଦ୍ଧାରିତ ରାଷ୍ଟ୍ରସୀମା ଆଦି ଥିଲା । ବ୍ରିଟିଶ ଔପନିବେଶିକ ପ୍ରଶାସକମାନଙ୍କର ଲକ୍ଷ୍ୟ ଥିଲା ଆଇନ ଉପରେ ପର୍ଯ୍ୟବେଶିତ ଶାସନ ଏବଂ ନିୟମ ଅନୁସାରେ ଶାସନ ପରିଚାଳନା କରିବା । କିନ୍ତୁ ସବୁଠାରୁ ତଳସ୍ତରରେ ଯେଉଁଠାରେ ନୀତିଗୁଡ଼ିକ କାର୍ଯ୍ୟକାରୀ ହେଉଥିଲା, ସେଠାରେ ଜାତି, କୂଳ, ରକ୍ତ ସମ୍ପର୍କୀୟ ଏବଂ ପୃଷ୍ଟପୋଷକ ଗ୍ରାହକ ସମ୍ବନ୍ଧରେ ସ୍ଥାନୀୟ ସମାଜକୁ ପ୍ରଭାବିତ କରିବା ଇତ୍ୟାଦି ମୁଖ୍ୟ ଭୂମିକା ଗ୍ରହଣିୟ ହୋଇଥିଲା । ୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ପରେ ନିଜର ନୂତନ ସରକାର ଗଢ଼ିବା ସମୟରେ ଶକ୍ତି ତଥା ଦୁର୍ବଳତା ଥିବା ଔପନିବେଶିକ ସଂସ୍ଥାଗୁଡ଼ିକ ଉତ୍ତରାଧିକାରୀ ହୋଇଯାଇଥିଲେ ।

(iii) **ଭାରତରେ ଔପନିବେଶିକ ଉଦ୍ଦେଶ୍ୟ** Colonial Objectives in India

ଉନବିଂଶ ଶତାବ୍ଦୀରେ ବ୍ରିଟେନରେ ଏକ ରାଜକୀୟ ବା ଔପନିବେଶିକ ବିଚାରଧାରାର ସୃଷ୍ଟି ହୋଇଥିଲା । ଯାହା ବିଶ୍ୱର ସବୁଠାରୁ ଏକ ଧନୀ ତଥା ପ୍ରଗତିଶୀଳ ରାଷ୍ଟ୍ର ହୋଇଥିବାରୁ ବିଶ୍ୱର ଅବଶିଷ୍ଟାଂଶ ରାଷ୍ଟ୍ରମାନଙ୍କର ସମୃଦ୍ଧି ତଥା ଉନ୍ନତି ନିମିତ୍ତ ଇଂଲଣ୍ଡର କର୍ତ୍ତବ୍ୟ ଥିଲା । ଆଇନ ସଭ୍ୟଜୀବନ ଏବଂଧନ ଆଗମନର ପରିସ୍ଥିତି ସୃଷ୍ଟି କରିଥାଏ । ଭାରତରେ ବ୍ରିଟିଶ ଶାସକମାନଙ୍କର ବିଚାରଧାରା ନିମ୍ନ ପ୍ରକାର ଥିଲା ।

୧. ଭାରତୀୟମାନେ ନିଜକୁ ଶାସନ କରିବା ପାଇଁ ଯୋଗ୍ୟ ନୁହନ୍ତି ।

୨. ବ୍ରିଟେନର କର୍ତ୍ତବ୍ୟ ଥିଲା ଯେ ସେ ଭାରତୀୟ ଅର୍ଥ ବ୍ୟବସ୍ଥା ଏବଂ ସମାଜ ଉପରେ ହସ୍ତକ୍ଷେପ ଅଥବା ଏହାକୁ ପରିଚାଳନା କରିବା ପାଇଁ ପ୍ରଚେଷ୍ଟା ବ୍ୟତୀତ ନିୟମାନୁସାରେ ଏକ ଉତ୍ତମ ସରକାର ପ୍ରଦାନ କରିବା ।

ଔପନିବେଶିକା ସରକାରଙ୍କର ମୁଖ୍ୟ ଦାୟିତ୍ୱ ଗୁଡିକ ହେଲା :-

(କ) ଭୂ-ରାଜସ୍ୱ ଆଦାୟ କରିବା (ଖ) ଆଇନ ସମ୍ମତ ଶାସନକୁ କାର୍ଯ୍ୟକାରି କରିବା

ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଭାରତରେ ପ୍ରଚଳିତ ବିଚାରଧାରାର ଆବଶ୍ୟକତା ଅନୁସାରେ ରାଜସ୍ୱ ବ୍ୟବସ୍ଥାରେ ପାର୍ଥକ୍ୟ ନିମ୍ନମତେ କରାଯାଇଥିଲା । ଯଥା :-

- ଭାରତରେ ଧନ ସମ୍ପଦ କିଭଳି ସୃଷ୍ଟି କରିହେବ;
- କମ୍ପାନୀର ସୁରକ୍ଷାପାଇଁ ଆବଶ୍ୟକ ଅନୁସାରେ; ଏବଂ
- ନୂତନ ଅଞ୍ଚଳ କମ୍ପାନୀ ଅଧିନକୁ ଆସିବା ପରେ ସେଥିରୁ ମିଳିଥିବା ଅନୁଭବ ଉପରେ ପର୍ଯ୍ୟବେଶିତ ଥିଲା ।

ଔପନିବେଶକ ରାଷ୍ଟ୍ର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ପାଇଁ କାର୍ଯ୍ୟ କରୁଥିଲା ।

୧. ବ୍ରିଟିଶ୍ ରାଜଧାନୀର ଆବଶ୍ୟକତା ଅନୁସାରେ ଭାରତୀୟ ଉପନିବେଶକୁ ସମ୍ପୂର୍ଣ୍ଣଭାବେ ନିଜର ଅଧିନସ୍ଥ କରିବା ।

୨. ଇଂଲଣ୍ଡର ରାଜଧାନୀ ଦ୍ୱାରା ଭାରତୀୟ ଉପନିବେଶର ଆର୍ଥିକ ଶୋଷଣ ଅଥବା ଏହାର ଆର୍ଥିକ ଉଦ୍‌ବୃତ୍ତାନ୍ତ (Surplus) କୁ ନିଜପାଇଁ ଉପଯୋଗ କରିବା କିନ୍ତୁ ଭାରତରେ ଔପନିବେଶିକ ଦୃଷ୍ଟିକୋଣ ସବୁସମୟରେ ସମାନ ନଥିଲା । ମାତୃଦେଶର ଆବଶ୍ୟକତା ତଥା ବ୍ରିଟେନର ବିଭିନ୍ନ ସାମାଜିକ ବର୍ଗଙ୍କର ସ୍ୱାର୍ଥରକ୍ଷା ପାଇଁ ଉକ୍ତ ଆଭିମୁଖ୍ୟ ପରିବର୍ତ୍ତିତ ହେଉଥିଲା । ଖ୍ରୀ: ୧୮୧୩ ପର୍ଯନ୍ତ ଲମ୍ବିଥିବା ବ୍ରିଟିଶ ଶାସନର ପ୍ରଥମ ପର୍ଯ୍ୟାୟରେ ଏହାର ଦୃଷ୍ଟିକୋଣ ମୁଖ୍ୟତଃ, (୧) ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟବସାୟରେ ଏକକ ଅଧିକାର ଏବଂ ଅନ୍ୟାନ୍ୟ ୟୁରୋପୀୟ ପ୍ରତିଯୋଗୀମାନଙ୍କୁ ବାଣିଜ୍ୟରୁ ନିବୃତ୍ତ କରିବା ତଥା (୨) କର ମାଧ୍ୟମରେ ଆର୍ଥିକ ସମ୍ବଳ ଉପରେ ନିୟନ୍ତ୍ରଣ କରିବା ଉପରେ ପର୍ଯ୍ୟବେଶିତ ହୋଇଥିଲା । ଉକ୍ତ ଦୁଇ ଉଦ୍ଦେଶ୍ୟକୁ, ପ୍ରଚଳିତ ସଂସ୍ଥା ଏବଂ ପ୍ରଶାସନିକ ଉପକରଣ ଗୁଡିକୁ ବିଶୃଙ୍ଖଳିତ ନକରି, ସଫଳ କରାଯାଇ ପାରିଥିଲା । ଉକ୍ତ ପରିସ୍ଥିତିରେ ବ୍ରିଟିଶ ଶାସକମାନେ ଗତାନୁଗତିକ ଶାସକ ମାନଙ୍କଠାରୁ ବିଶେଷ ଭାବରେ ଅଲଗା ନଥିଲେ କାରଣ ଉଭୟେ କୃଷିର ଉଦ୍-ବୃତ୍ତାଂନ୍ତକୁ (Surplus) କରଗତ କରିବାକୁ ପ୍ରୟାସ ରଖିଥିଲେ । ଏହି ପରିପ୍ରେକ୍ଷୀରେ ଏକ ପ୍ରକାରର ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ ତଥା ପୁରାତନ ବ୍ୟବସ୍ଥାକୁ ନବୀକରଣ ପାଇଁ କୌଣସି ପ୍ରଚେଷ୍ଟା କରା ଯାଇନଥିଲା । ଶାସନ ତଥା ନ୍ୟାୟ ବ୍ୟବସ୍ଥାର ମୂଳତତ୍ତ୍ୱରେ ମଧ କୌଣସି ପରିବର୍ତ୍ତନ କରାଯାଇନଥିଲା । ପ୍ରଶାସନ କ୍ଷେତ୍ରରେ ଏକ ମାମୁଲି ପରିବର୍ତ୍ତନ ଅଣାଯାଥିଲା ଏବଂ ଏହା ସୁରୁଖୁରରେ ରାଜସ୍ୱ ଆଦାୟ କରିବା ସହିତ ଜଡିତ ଥିଲା । ଭାରତ ପାଇଁ ଏକ ଆଧୁନିକ ନ୍ୟାୟ ବ୍ୟବସ୍ଥା ତଥା ଏକ ପ୍ରକାରର ପ୍ରଶାସନିକ ବ୍ୟବସ୍ଥାର ଆବଶ୍ୟକତା



ଟିପ୍ପଣୀ

ଉକ୍ତ ପର୍ଯ୍ୟାୟରେ ଜଣାପଡି ନଥିଲା, କାରଣ ଭାରତରେ ଇଂରେଜୀ ଶାନର ପ୍ରଥମ ପର୍ଯ୍ୟାୟରେ ବ୍ରିଟିଶମାନଙ୍କ ଲକ୍ଷ ପୁରଣପାଇଁ ଏହାର ପ୍ରାସଙ୍ଗୀକତା ନଥିଲ ।

୧୮୧୩ ଖ୍ରୀ: ପରେ ଉକ୍ତ ପରିସ୍ଥିତିରେ ଅନେକ ପରିବର୍ତ୍ତନ ଘଟିଥିଲା । ମୁଖ୍ୟତଃ ଶିଳ୍ପ ବିପ୍ଳବ ଯୋଗୁ ବ୍ରିଟିଶ ଅର୍ଥବ୍ୟବସ୍ଥା ତଥା ସମାଜ ଏକ ବିରାଟ ପରିବର୍ତ୍ତନ ମଧରେ ଗତିକରୁଥିଲା । ବର୍ତ୍ତମାନ ବାଣିଜ୍ୟିକ ବ୍ୟାପରିକ ନିଗମ ଗୁଡିକ ଉଦ୍ୟୋଗପତିମାନଙ୍କୁ ସୃଷ୍ଟି କରିଥିଲା ଯେଉଁମାନେ ବ୍ରିଟିଶ୍ ସମାଜର ଏକ ଶକ୍ତଶାଳୀ ତଥା ପ୍ରଭାବଶାଳୀ ଗୋଷ୍ଠୀରେ ପରିଣତ ହୋଇଥିଲେ । ଭାରତୀୟ ବ୍ୟାପର ଉପରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଏକକ ଅଧୀକାର ଆସ୍ତେ ଆସ୍ତେ ହ୍ରାସ ପାଇ ଯାଉଥିଲା । ଭାରତରେ ଇଂଲଣ୍ଡର ଆଗ୍ରହ ବର୍ତ୍ତମାନ କମ୍ପାନୀର ଆଗ୍ରହର ପ୍ରତିନିଧିତ୍ୱ କରିବା ପରିବର୍ତ୍ତେ ଔଦ୍ୟୋଗପତି ମାନେ (କ) ନିଜଦ୍ୱାରା ନିର୍ମିତ ଔଦ୍ୟୋଗିକ ବସ୍ତୁଗୁଡିକରେ ବଜାର (ଖ) ନିଜ ଶିଳ୍ପାନୁଷ୍ଠାନ ପାଇଁ ଝୋଟ, କପା ଇତ୍ୟାଦି ଭଳି କଞ୍ଚାମାଲ ତଥା ଖାଦ୍ୟଶସ୍ୟ, ଅଫିମ ଇତ୍ୟାଦିକୁ ବିଦେଶକୁ ରପ୍ତାନୀ କରିବା ପାଇଁ, ଭାରତକୁ ବ୍ୟବହାର କରିବାନିମିତ୍ତ ଇଚ୍ଛାପ୍ରକାଶ କରିଥିଲେ । ଏହି ସମସ୍ତ ଲକ୍ଷ୍ୟ ପୁରଣ ପାଇଁ ଭାରତୀୟ ଅର୍ଥବ୍ୟବସ୍ଥା ତଥା ସମାଜରେ ଅତ୍ୟଧିକ ପ୍ରବେଶ (Greater penetration) ଏବଂ ଭାରତର ବ୍ରିଟେନ ସହ ତଥା ଅନ୍ୟ ଦେଶମାନଙ୍କ ସହିତ ବ୍ୟାପାର ବାଣିଜ୍ୟ ଉପରେ ନିୟନ୍ତ୍ରଣ ରଖିବା ମଧ ଆବଶ୍ୟକ ପଡିଲା । ବର୍ତ୍ତମାନ ଭାରତ ଏକ ନୂତନ ଭୂମିକାରେ ଅବତିର୍ଣ୍ଣ ହେବ ବୋଲି ଆଶାପ୍ରକାଶ କରାଯାଉଥିଲା । ଆଶା କରାଯାଏ ଯେ ଭାରତର ଗତାନୁଗତିକ ପ୍ରଶାସନିକ ସଂସ୍ଥା ସହିତ ଉକ୍ତ ନୂତନ ଭୂମିକାରେ ଅବତିର୍ଣ୍ଣ ହେବା ସମ୍ଭବ ହୋଇନଥିଲା । ତେଣୁ ନୂତନ ଆବଶ୍ୟକତା ଅନୁଯାୟୀ ସେ-ଗୁଡିକୁ ପରିବର୍ତ୍ତନ ତଥା ରୁପାନ୍ତରିତ କରିବା ଆବଶ୍ୟକତା ପଡିଲେ ଏଥିପାଇଁ ଭାରତୀୟ ପ୍ରଶାସନର ରୁପାନ୍ତରକରଣ ପ୍ରକିୟା ଆରମ୍ଭ ହେଲା । ଆଧୁନିକ ଆଇନର ସାହାଯ୍ୟରେ ଆଧୁନିକ ବ୍ୟବସାୟର ବୃଦ୍ଧି ପାଇଁ, ଏକ ବଜାର-ଅର୍ଥବ୍ୟବସ୍ଥାର ସୃଷ୍ଟିପାଇଁ, ମୁକ୍ତ ବାଣିଜ୍ୟିକ ସଂବନ୍ଧ ସ୍ଥାପନ କରିବାପାଇଁ ଏବଂ ବିଭିନ୍ନ ଆର୍ଥିକ-ନେଣ-ଦେଣ (Transaction)କୁ ସୁରୁଖୁରରେ କାର୍ଯ୍ୟକାରୀ କରିବାପାଇଁ ସମ୍ପୂର୍ଣ୍ଣ ଆଇନର ଗଠନ ପ୍ରଣାଳୀକୁ ପରିବର୍ତ୍ତନ କରିବା ଜରୁରୀ ହୋଇପଡିଲା ।

ବ୍ରିଟିଶର ସ୍ୱାର୍ଥ ବିଭିନ୍ନ ପ୍ରକାରର ଥିଲା । ସର୍ବ ପ୍ରଥମେ ଏହାର ଲକ୍ଷ୍ୟ ଥିଲା, ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏକକ ଅଧିକାର ଲାଭ କରିବା । ପରବର୍ତ୍ତୀ ସମୟରେ ଅନୁଭୁତ ହେଲା ଯେ ଏହା ଦ୍ୱାରା ଭାରତ ବ୍ରିଟିଶ ବସ୍ତୁମାନଙ୍କର ଏକ ବଡ ବଜାର ହେବା ସହିତ କଞ୍ଚାମାଲର ଏକ ଉତ୍ସ ହେବ କିନ୍ତୁ ଭାରତରେ ପୁଞ୍ଜି ନିବେଶ କରିଥିବା ପୁଞ୍ଜିପତି ମାନେ ଅଥବା ଏଠାରେ ବ୍ୟାଙ୍କିଙ୍ଗ ଏବଂ ସିପିଙ୍ଗ (Banking & Shipping) ସେବା ଯୋଗାଣକାରୀମାନେ ନିଜ ନିୟନ୍ତ୍ରଣରେ ରଖିବା ଅଥବା ପ୍ରାଧାନ୍ୟ ବିସ୍ତାରକାରୀ ସୁବିଧା ସୁଯୋଗକୁ ସଫଳ ଭାବେ ଉପଭୋଗ କରିବାରେ ଲାଗିଲେ । ଭାରତ ମଧ ବ୍ରିଟେନର ଉଚ୍ଚ-ମଧ-ବର୍ଗଙ୍କର ଏକ ବୃହତ୍ତ ଅଂଶକୁ ରୁଚିକର ତଥା ଲାଭପ୍ରଦ ରୋଜଗାର ଯୋଗାଇ ଦେଇଥିଲା । ଏମାନଙ୍କ ଦ୍ୱାରା ଘରକୁ ପଠାଯାଉଥିବା ଧନରାଶି ବ୍ରିଟେନର ଆମଦାନୀ ରପ୍ତାନିର ବ୍ୟବଧାନକୁ (Balance of Payment) ସମତୁଲ କରିବା ପାଇଁ ତଥା ଅର୍ଥ ଜମାରଖିବା କ୍ଷମତାକୁ ବୃଦ୍ଧି କରିବାପାଇଁ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଶେଷରେ ଭାରତର ଭୂଭାଗ, (Logistics) ଏବଂ ସୈନିକ ମାନବ ଶକ୍ତି (Military Manpower) ଉପରେ ନିୟନ୍ତ୍ରଣ ବିଶ୍ୱର କ୍ଷମତା ନିର୍ମାଣ

(Power Structure)ପାଇଁ ଏକ ମହତ୍ୱପୂର୍ଣ୍ଣ ତତ୍ୱ ଥିଲା । ଇଂରେଜମାନେ ଭାରତର ଆର୍ଥିକ ବିକାଶ ବିରୁଦ୍ଧରେ ନଥିଲେ ଯଦି ଏହା ଦ୍ୱାରା ତାଙ୍କର ବଜାର ବୃଦ୍ଧି ହେଉଥିଲା । ଅନ୍ୟପକ୍ଷରେ ଖୁବ୍ ନିଜର ଆର୍ଥିକହିତ ଏବଂ ରାଜନୈତିକ ସୁରକ୍ଷାରେ ବାଧାସୃଷ୍ଟି କରୁଥିବା କ୍ଷେତ୍ରରେ ସହାୟତା ପ୍ରଦାନ କରିବାପାଇଁ ମନା କରିଥିଲେ । ତେଣୁ ସେମାନେ ଭାରତୀୟ ବସ୍ତ୍ର ଉଦ୍ୟୋଗକୁ ସେ ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିନଥିଲେ ଯେପର୍ଯ୍ୟନ୍ତ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦୀ ମାନ୍‌ଚେଷ୍ଟର (Manchester) ବଦଳରେ ଜାପାନ ହୋଇନଥିଲା । ଏହା ସହିତ ସେମାନେ ବୈଷୟୀକ ଶିକ୍ଷାର ପ୍ରସାର ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ସେମାନେ ସମ୍ପତ୍ତିର କେତେକ ବ୍ରିଟିଶ୍ ଅବଧାରଣାକୁ ପ୍ରବର୍ତ୍ତନ କରିଥିଲେ କିନ୍ତୁ ନିଜର କ୍ଷମତାର ବିଲୋପ ହେତୁ ଏହାକୁ ଅନେକ ଆଗକୁ ନେଇପାରି ନଥିଲେ ।

### ୩୨.୧ ପାଠାନ୍ତ ପ୍ରଶ୍ନ ଶୂନ୍ୟସ୍ଥାନ ପୁରଣ କର ।

୧. ...............ଶତାବ୍ଦୀର ପୂର୍ବାହ୍ନରେ ମୋଗଲ ସାମ୍ରାଜ୍ୟର ପତନ ହୋଇଥିଲା ।

୨. ..........ପର୍ଯ୍ୟନ୍ତ ଭାରତରେ ବ୍ରିଟିଶ୍ ଶାସନର ପ୍ରଥମ ପର୍ଯ୍ୟାୟରେ ବ୍ରିଟିଶ୍‌ର ଲକ୍ଷ୍ୟ ମୁଖ୍ୟତଃ ଭାରତ ସହିତ ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟାପାରରେ ଏକକ ଅଧିକାର ହାସଲ କରିବା ।

୩. ବ୍ରିଟିଶ୍ ଅର୍ଥବ୍ୟବସ୍ଥା ଏବଂ ସମାଜ ଏକ ବଡ ରୁପାନ୍ତରଣ ଆଡକୁ ଗତିକରୁଥିଲା ଯାହାର ମୁଖ୍ୟ କାରଣ .................ଥିଲା ।

୪. ବ୍ରିଟିଶ୍ ଉଦ୍ୟୋଗପତି ମାନଙ୍କର ଲକ୍ଷ୍ୟ ଥିଲା ଯେ ଭାରତରେ ନିଜର ....................ବସ୍ତୁମାନଙ୍କର ଏକ ବଜାର ଭାବରେ ବ୍ୟବହାର କରିବା ।



ଚିତ୍ର ୩୨.୧ ରାଇଟରର୍ସ ବିଲ୍ଡିଙ୍ଗ୍



ଟିପ୍ପଣୀ

## ୩୨.୨ ବୈଧତାର ରୁପ

ତୁମ୍ଭେ ଜାଣିଅଛ ଯେ ବ୍ରିଟିଶ୍ ଶାସନ ପୂର୍ବରୁ ଭାରତର ସାର୍ବୋଭୌମତ୍ୱ ମୋଗଲ ବଂଶ ହାତରେ ଥିଲା । ଉନବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ବ୍ରିଟିଶ୍ ମୋଗଲ ବଂଶର ରାଜତ୍ୱର ପ୍ରତୀକ ଉପରେ କୌଣସି ହସ୍ତକ୍ଷେପ କରିନଥିଲା ୧୮୩୫ ପର୍ଯ୍ୟନ୍ତ ପାରସିକ ଭାଷା ରାଜଭାଷା ହୋଇ ରହିଥିଲା ତଥା ମୁଦ୍ରାଉପରେ ମୋଗଲ ସମ୍ରାଟଙ୍କନାମ ଉଲ୍ଲେଖ ହେଉଥିଲା । ୧୮୩୭ ପର୍ଯ୍ୟନ୍ତ ମୋଗଲ ବଂଶ ପାଇଁ ତୋପର ସଲାମି ସୁରକ୍ଷିତ ଥିଲା । ସାର୍ବଭୌମତ୍ୱର ଉକ୍ତ ପ୍ରତିକକୁ ପ୍ରତ୍ୟାହାର କରିବା ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ଏକ ସାଙ୍କେତିକ କାର୍ଯ୍ୟ ଥିଲା ଯାହା ସୁଚିତ କରୁଥିଲା ଯେ ସେମାନେ ଭାରତର ସାର୍ବଭୌମତ୍ୱକୁ ଅଧିକୃତ କରିଛନ୍ତି । ବ୍ରିଟିଶ୍ ମାନଙ୍କର ମହାନଗରୀ ରାଜଧାନୀରେ ପୂର୍ବ ଉପସ୍ଥିତି ତଥା ପରବର୍ତ୍ତୀ ସମୟରେ ପସନ୍ଦ ଯୋଗ୍ୟ ଆନ୍ତର୍ଦେଶୀୟ ନିର୍ଦ୍ଦିଷ୍ଟ ସ୍ଥାନ ଗୁଡ଼ିକରେ ଉପସ୍ଥିତିର ଅର୍ଥହେଲା ଯେଉଁ ସଂସ୍ଥାଗୁଡିକ ସାମ୍ରାଜ୍ୟର ପ୍ରତୀକ ଥିଲା  ସେଗୁଡିକୁ ଏପରି ଗଠନ ହେବା ଉଚିତ୍ ଥିଲା । ଏପରି ଭାବରେ ବମ୍ବେ ଦ୍ୱୀପ ଏବଂ ହୁଗୁଳି ତ୍ରିକୋଣଭୂମିର କେତେକ ଗ୍ରାମ ପରବର୍ତ୍ତୀ ସମୟରେ ବମ୍ବେ ପ୍ରେସିଡ଼େନ୍ସିରେ ଏବଂ ଭାରତୀୟ ସାମ୍ରାଜ୍ୟର ବୃହତ୍ତ ରାଜଧାନୀ ହୋଇଗଲା । ମୋଗଲ ସାମ୍ରାଜ୍ୟର ଉନ୍ନତି ଏବଂ ମାର୍ଜିତ କେନ୍ଦ୍ରସ୍ଥାନ ଗୁଡ଼ିକ ପ୍ରାଦେଶୀମାନଙ୍କର ମଧ୍ୟସ୍ଥଳ ହୋଇଥିଲା । କେନ୍ଦ୍ର ଏବଂ ଉପାନ୍ତ ଅଞ୍ଚଳର ଶିଳା ଲିଖନ ଜଣେ ନୂତନ ବାସ୍ତୁ ଶିଳ୍ପୀଙ୍କ ଲିହଣରେ କରାଯାଇଥିଲା । ନୂତନ ସଂସ୍ଥାଗୁଡିକ କ୍ଷମତାକୁ ଚିହ୍ନିତ କରୁଥିଲା । ଅଟ୍ଟାଳିକା ଗୁଡିକ ନୂତନ ସଂସ୍ଥାଗୁଡିକର ସର୍ବାଧିକ ଭୌତିକ କିମ୍ଵା ଜୈବିକ, ବସ୍ତୁବଦୀ ଏବଂ ନୂତନ ଅନୁଷ୍ଠାନମାନଙ୍କର ଚିତ୍ତାକଷକ ମହତ୍ୱପୂର୍ଣ୍ଣ ବା ପ୍ରଭାବଶାଳୀ ରୁପ ଥିଲା । ଉନବିଂଶ ଶତାବ୍ଦୀରେ ପ୍ରାଦେଶିକ ସହର ମାନଙ୍କର ଯାହା ଦେଖା ଯାଉନଥିଲା ତାହା ରାଜନଗରୀ ବମ୍ବେରେ ଦେଖିବାକୁ ମିଳୁଥିଲା ।

କମ୍ପାନୀ (ଯେ କି ବ୍ରିଟିଶ୍ ରାଜଶକ୍ତିର ଭୃତ୍ୟ ଏବଂ ନିଜର କାର୍ଯ୍ୟକଳାପକୁ ଏକ ଔପନିବେଶିକ ଅଧିକାର ପତ୍ର (Charter) ର ମାଧ୍ୟମରେ ଚଳାଉଥିଲା) ଭାରତୀୟ ସମ୍ରାଟଙ୍କୁ ନିଜର ଅଧିନସ୍ଥ କରିବାପାଇଁ ଚାହୁଁଥିଲା । ଅଧିନସ୍ଥତାର ଶବ୍ଦାବଳୀରେ ଭାରତରେ ବ୍ରିଟିଶ୍ ଅନୁଭବରୁ ଆସିଥିବା ସର୍ବୋଚ୍ଚତା, ସୁରକ୍ଷା ପ୍ରଦାନ,(Protection), ସହାୟକ ଚୁକ୍ତି (Subsidiary), ପରୋକ୍ଷ ଶାସନ (Indirect rule), ସହଯୋଗ (Collaboration) ଆଦି ଶବ୍ଦ ଗୁଡିକ ସାମିଲ ଥିଲା । ଉନବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ କମ୍ପାନୀ ଏବଂ ବିଭିନ୍ନ ଦେଶୀୟ ରାଜ୍ୟ (Princely State) ମାନଙ୍କ ମଧ୍ୟରେ ପର୍ଯ୍ୟାୟ କ୍ରମେ ହୋଇଥିବା ଚୁକ୍ତିଗୁଡିକ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ସ୍ଥାପିତ ହୋଇଥିଲା । ଗଭର୍ଣ୍ଣର ଜେନେରାଲ ଲର୍ଡ-ଭଏଲସଲି ଏକ ବ୍ୟବସ୍ଥା ତିଆରି କରିଥିଲେ ଯାହାକି "ସହାୟକ ଚୁକ୍ତ" ନାମରେ ପରିଚିତ ଥିଲା । ଉକ୍ତ ବ୍ୟବସ୍ଥାରେ ଅତିଶୀଘ୍ର ଯୋଗ ଦେଇଥିବା ରାଜ୍ୟଗୁଡିକ ହେଲା- ହାଇଦରାବାଦ (୧୭୯୮), ମରହଟ୍ଟା ପେଶୱା (୧୮୦୨), ନାଗପୁରର ଭୋନ୍ସଲେ ଏବଂ ଗ୍ୱାଲିୟରର ସିନ୍ଧିଆ (୧୮୦୩), ଜୟପୁର(୧୮୦୩), ବରୋଦାର ଗାଇକୱାଡ୍ (୧୮୦୫), ତାଭାଙ୍କୋର (୧୮୦୫) କୋଚୀନ (୧୮୦୭), କୋଟା (୧୮୧୭), ଯୋଧପୁର (୧୮୧୮), ବକାନୀର(୧୮୨୮) । ଉକ୍ତ ବ୍ୟବସ୍ଥାର ସାରମର୍ମ ହେଲା ଇଂରେଜ ଦ୍ୱାରା ସୁରକ୍ଷା ପ୍ରଦାନର ନିଶ୍ଚିତତା ଯାହାପାଇଁ ଦେଶୀୟ ରାଜ୍ୟମାନଙ୍କୁ ନିମ୍ନଲିଖିତ କୌଣସି ଏକ ବା ଏକାଧିକ ଉପାୟରେ ପରିଶୋଧ କରିବାକୁ ପଡୁଥିଲା । ସେଗୁଡ଼ିକ ହେଲା ।



ଟିପ୍ପଣୀ



(କ) କମ୍ପାନୀର ଏକ ସେନାଦଳ ରଖିବା ପାଇଁ ନଗଦ ଆକାରରେ ଟଙ୍କା ଦେବା

(ଖ) ରାଜ୍ୟର ଏକ ଅଂଶ କମ୍ପାନୀକୁ ପ୍ରଦାନ କରିବ ।

(ଗ) ରାଜ୍ୟର ଆଂଶିକ ଅଥବା ପୂର୍ଣ୍ଣ ଭାବରେ ସୈନ୍ୟ ଅପସାରଣ (demilitarization) ଅର୍ଥାତ୍ ରାଜ୍ୟ ଦ୍ୱାରା ସୈନ୍ୟବାହିନୀକୁ ତ୍ୟାଗ କରିବା ।

(ଘ) କମ୍ପାନୀର ବିନା ଅନୁମୋଦନରେ ଅନ୍ୟ ରାଜନୈତିକ ଶକ୍ତି ସହିତ ସମ୍ପର୍କ ତଥା ଯୁଦ୍ଧ କରିବା ଉପରେ ପ୍ରତିବନ୍ଧକ

(ଙ) ଉପଦେଶ ଏବଂ ନିର୍ଦ୍ଦେଶ ଦେବା ପାଇଁ ନିଜ ଦରବାରରେ କମ୍ପାନୀର ରାଜ-ପ୍ରତିନିଧିଙ୍କୁ ରଖିବା ପାଇଁ ସ୍ୱୀକୃତି ପ୍ରଦାନ ।

ବଳ ପ୍ରୟୋଗ ଦ୍ୱାରା ଥରେ ରାଜ୍ୟ ଅଧିକାର କଲେ ରାଜ୍ୟର ବ୍ୟବହାରକୁ ସମସ୍ତ ଅଧିବାସୀମାନଙ୍କର ଦୃଷ୍ଟି ଗୋଚରକୁ ଆଣିବା ଅତି ଆବଶ୍ୟକ ଥିଲା । ଔପନିବେଶିକ ରାଷ୍ଟ୍ରର ଦୃଷ୍ଟିଗୋଚର ହେବା ପାଇଁ କରାଯାଇଥିବା ବ୍ୟବହାରମାନଙ୍କ ମଧ୍ୟରେ ୧୮୫୮ରେ ଶେଷ ମୋଗଲ ସମ୍ରାଟ ବାହାଦୁରଶାହା ଜାଫରଙ୍କ ଉପରେ ତାଙ୍କ ନିଜ ରାଜପ୍ରାସାଦରେ କରାଯାଇଥିବା ବିଚାର ଏବଂ ୧୮୭୭ରେ କରାଯାଇଥିବା ଦିଲ୍ଲୀ ଦରବାର ଯେଉଁଥିରେ କି ବ୍ରିଟିଶମାନଙ୍କର ସାର୍ବୋଭୌମତ୍ୱ ପ୍ରତି ଭାରତର ବଶ୍ୟତାକୁ ସର୍ବସାଧାରଣରେ ପ୍ରକାଶ୍ୟ କରିଥିଲେ । ସର୍ବସାଧାରଣଙ୍କ ପାଇଁ ଔପନିବେଶିକ ରାଷ୍ଟ୍ରର ପ୍ରତୀକ ସ୍ୱରୂପ ସାଂସ୍କୃତିକ ରଚନା, ରାଷ୍ଟ୍ରର ଦୂରସ୍ଥ ଏଜେନ୍ସି ଏବଂ ନିତିଦିନିଆ ଅନୁଭବ ଉପରେ ପର୍ଯ୍ୟବେଶିତ ଥିଲା ଯଥା:- ଦାରୋଗା ଏବଂ ପୋଲିସ୍, କଲେକ୍ଟରଙ୍କ କଚେରୀର ପଟେଳ ଅମିନ, ପଟୱାରୀ ଏବଂ କାନୁନ୍‌ଗୋ; ନୂତନ ଅଦାଲତରେ କ୍ଷମତାଶାଳୀ ଲୋକଙ୍କ ସପକ୍ଷରେ ରାୟ ପ୍ରଦାନ, କଳାକୋଟ ପିନ୍ଧା ତଥା ଅଜଣା ଭାଷା (ଇଂରାଜୀ) କହୁଥିବା ଅଜଣା ଲୋକ; ସହରରେ ଔପନିବେଶିକବାଦକୁ ଦୃଷ୍ଟି ଗୋଚର କରିବା ପାଇଁ ତିଆରି କରିଥିବା ବିଶାଳ ଔପନିବେଶିକ ସ୍ମାରକ, ସମୟ ସମୟରେ ଦେଖା ଯାଉଥିବା ସୈନ୍ୟମାନଙ୍କର ସେନା ଛାଉଣୀରୁ ବାହାରି ଫ୍ଲାଗ ମାର୍ଚ୍ଚ (Flag March) ର ଦୃଶ୍ୟ ଏବଂ ଶେଷରେ ଗୋରା ଲୋକମାନଙ୍କ ସମ୍ମୁଖରେ ଦେଶର ଉଚ୍ଚତର ବର୍ଗର ଲୋକଙ୍କର ଆଗକୁ ନଇଁ ପଡ଼ି ନମସ୍କାର କରିବା ଇତ୍ୟାଦିର ଦୃଶ୍ୟ ଭାରତୀୟ ମାନସ ପଟରେ ଔପନିବେଶିକ ଶାସନର ଛାପ ହୋଇ ରହିଥିଲା ।

## ୩୨.୩ ଔପନିବେଶିକ ନିୟନ୍ତ୍ରଣର ଅୟମାରମ୍ଭ

ଔପନିବେଶିକ ନିୟନ୍ତ୍ରଣର ପ୍ରାରମ୍ଭିକ ଚରଣରେ ଦେଶରେ ପ୍ରଚଳିତ ଥିବା ନାଗରିକ ପ୍ରଶାସନ ଚାଲୁ ରହିଥିଲା । ବଙ୍ଗଳାର ବିଜୟ ପୂର୍ବରୁ ଉକ୍ତ ବ୍ୟବସ୍ଥା ସଫଳ ଭାବେ କାର୍ଯ୍ୟ କରୁଥିଲା । କିନ୍ତୁ ଏକ ବୃହତ ସାମ୍ରାଜ୍ୟର ପଦାଧିକାରୀଙ୍କୁ ଦରମା ଦେବା ପାଇଁ ଏହି ସକ୍ଷମ ନଥିଲା । ଏହାର କାରଣ ହେଲା:-(କ)ଲାଭର ଏକ ବୃହତ ଅଂଶ କମ୍ପାନିର ଟ୍ରେଜେରୀ (Treasury) କୁ ନ ଯାଇ ବେସରକାରୀ ହାତକୁ ଚାଲିଯାଉଥିଲା ଏବଂ (ଖ) ଏକ ଅତି ଲାଭ ଯୁକ୍ତ ସ୍ୱଳ୍ପ ମିଆଦ ନୀତି ଅର୍ଥ ବ୍ୟବସ୍ଥାର ଉତ୍ପାଦନ କ୍ଷମତାକୁ କ୍ଷତି କରିବା ସହିତ ଲୋକମାନଙ୍କୁ ବିଦ୍ରୋହ କରିବାକୁ ପ୍ରବର୍ତ୍ତାଇ ଥାଏ ଏବଂ ଉକ୍ତ ଦୁଇଟି ବ୍ୟବସ୍ଥା କମ୍ପାନରୀ ଦୀର୍ଘକାଳୀନ ସ୍ୱାର୍ଥର ବିରୋଧି ଥିଲା । କ୍ଲାଇବ ଏକ ଦ୍ୱୈତ୍ୟ ଶାସନ ପ୍ରଣାଳୀ ଚାଲୁ କରିଥିଲେ । ଯେଉଁଥିରେ କମ୍ପାନୀର କ୍ଷମତା



ଟିପ୍ପଣୀ

ତଥା ଏକ କାଠପୁତ୍ତଳିକା ନବାବ ରହିଲେ । ଔରେନ ହେଷ୍ଟିଂସ୍, ନବାବଙ୍କୁ ହଠାଇ ଭାରତୀୟ ଅଧିକାରୀମାନଙ୍କୁ ରଖି ନିଜେ ନିଜେ ପ୍ରତ୍ୟକ୍ଷ ଭାବେ ଶାସନ ଭାର ଗ୍ରହଣ କରିଥିଲେ ।

## ୩୨.୪ ଔପନିବେଶବାଦର ବିଶ୍ୱାସର ବିଚାରଧାରା

ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରଶାସନରେ ବେନଥିମବାଦୀ ମୌଳିକତାବାଦର ଏକ ପ୍ରବଳ ପୃଷ୍ଠଭୂମି ଥିଲା । ଭାରତୀୟ ସଂସ୍ଥାଗୁଡ଼ିକ ପ୍ରତି  ଘୋର ଅବମାନନା ପ୍ରକାଶ କରି ଭାରତରେ ଏକ ବୃହତ ଇତିହାସ ରଚନା କରିବା ପରେ ଜେମ୍‌ସ ମିଲ ୧୮୧୯ରେ କମ୍ପାନୀର ଏକ ବରିଷ୍ଠ କର୍ମଚାରୀ ହୋଇଥିଲେ । ୧୮୩୧ ରୁ ୧୮୩୬ ପର୍ଯ୍ୟନ୍ତ ସେ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅର୍ଥାତ୍ ସିଇଓ (CEO) ଥିଲେ ଏବଂ ତାଙ୍କ ପୁତ୍ର ଜେମସ୍ ମିଲ୍ ୧୮୨୩ରୁ ୧୮୫୮ ପର୍ଯ୍ୟନ୍ତ କମ୍ପାନୀ ପାଇଁ କାର୍ଯ୍ୟ କରିଥିଲେ । ମାଲଥୁସ୍ (Malthus) ହେଲିବରୀ (Haileybury)  ଅର୍ଥଶାସ୍ତ୍ରର ପ୍ରଫେସର ଥିଲେ ଏବଂ ସେଠାରେ କମ୍ପାନୀର ଭବିଷ୍ୟତ ଅଧିକାରୀମାନଙ୍କର ପାଠପଢ଼ା ହେଉଥିଲା । ସେ ଗଭୀର ଭାବରେ ଉପଯୋଗିତାବାଦ (Utilitaniantion) ଦ୍ୱାରା ପ୍ରଭାବିତ ହୋଇଥିଲେ । ବେନ୍ଥମଙ୍କ ସହିତ ମଧ୍ୟ ଭାରତୀୟ ସଂସ୍ଥାଗୁଡ଼ିକର ସଂସ୍କାର ପାଇଁ ପରାମର୍ଶ କରାଯାଉଥିଲା । ଉପଯୋଗିତାବାଦୀମାନେ ଉକ୍ତ ବିଚାର ଧାରାକୁ (ସିଭିଲ ସର୍ଭିସ୍‌ରେ ପ୍ରତିଯୋଗିତା ମାଧ୍ୟମରେ ପ୍ରବେଶ) ପରୀକ୍ଷା ନିରୀକ୍ଷା କରିବା ପାଇଁ ଜାଣିଶୁଣି ଭାରତକୁ ବ୍ୟବହାର କଲେ କାରଣ ଏହାକୁ ସେମାନେ ଇଂଲଣ୍ଡରେ ଲାଗୁ କରିବା ପାଇଁ ପ୍ରୟାସ କରିଥିଲେ । ଉପଯୋଗିତାବାଦୀମାନେ ମୁକ୍ତ ଅର୍ଥ ବ୍ୟବସ୍ଥା ଯଥା ଲାସେଜ୍ ଫେୟାର ମତବାଦର ଘୋର ସମର୍ଥକ ଥିଲେ ଏବଂ ଆର୍ଥିକ ବିକାଶକୁ ବୃଦ୍ଧି କରିବା ପାଇଁ ରାଷ୍ଟ୍ରର କୌଣସି ପ୍ରକାର ହସ୍ତକ୍ଷେପକୁ ଘୃଣା କରୁଥିଲେ ।  ଏଣୁ ଦୁର୍ଭିକ୍ଷ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ବଜାରର ତାକତ ଉପରେ ଭରସା କରୁଥିଲେ ଏବଂ କୃଷିର ଅଭିବୃଦ୍ଧି ତଥା ଶିଳ୍ପକୁ ସୁରକ୍ଷା ପ୍ରଦାନ ପାଇଁ କିଛି କରି ନଥିଲେ । ଲାସେଜ ଫେୟାର (Laissez faire) ର ଏହି ପରମ୍ପରା ଭାରତୀୟ ସିଭିଲ୍ ସେବାରେ ଖୁଦ୍ ଇଂଲଣ୍ଡଠାରୁ ଅଧିକ ପରିମାଣରେ ଅନ୍ତର୍ନିହିତ ହୋଇ ରହିଥିଲା ଏବଂ ୧୯୨୦ ପର୍ଯ୍ୟନ୍ତ ଏହା ପ୍ରବଳ ଭାବରେ ଜାରି ରହିଥିଲା । ପ୍ରଶାସନ ଦକ୍ଷ ଏବଂ ଦୁର୍ନୀତି ଗ୍ରସ୍ତ ନଥିଲା କିନ୍ତୁ ରାଷ୍ଟ୍ରତନ୍ତ୍ରର କାର୍ଯ୍ୟକାରିତା କେବଳ ସତର୍କ ଦୃଷ୍ଟି ପ୍ରଦାନରେ ସୀମିତ ଥାଇ ସେନା, ନ୍ୟାୟ, ପୁଲିସ ଏବଂ ଜେଲ୍ ବିଭାଗର କିଛି ବିକାଶ ପାଇଁ ଖର୍ଚ୍ଚ କରୁଥିବା ସ୍ଥଳେ କୃଷି ପାଇଁ ତିନି ପ୍ରତିଶତରୁ କମ୍ ଖର୍ଚ୍ଚ କରୁଥିଲେ । ଭାରତକୁ ପାଶ୍ଚାତ୍ ଢ଼ାଞ୍ଚାରେ ଗଢ଼ିବା ପାଇଁ ବ୍ରିଟିଶମାନଙ୍କ ଦ୍ୱାରା କରାଯାଇଥିବା ସର୍ବାଧିକ ଉଲ୍ଲେଖନୀୟ କାର୍ଯ୍ୟ ମଧ୍ୟରୁ ଏକ ଥିଲା ଭାରତରେ ଇଂରେଜୀ ଶିକ୍ଷାର ଏକ ସଂଶୋଧିତ ପାଠ୍ୟକ୍ରମର ପ୍ରଚଳନ । ଶିକ୍ଷା ଉପରେ ମ୍ୟାକୁଲେଙ୍କ ୧୮୩୫ର ବିବରଣୀ ବ୍ରିଟିଶ ଶିକ୍ଷାନୀତି ଉପରେ ନିର୍ଣ୍ଣାୟକ ପ୍ରଭାବ ପକାଇଥିଲା ଯାହାକି ଭାରତୀୟ ସଭ୍ୟତା ପ୍ରତି ପାଶ୍ଚାତ୍ୟ ହେତୁବାଦୀ ଦୃଷ୍ଟିକୋଣର (National approach) ଏକ ବିଶିଷ୍ଟ ଉଦାହରଣ ଥିଲା । ବ୍ରିଟିଶ କ୍ଷମତାକୁ ଆସିବା ପୂର୍ବରୁ ମୋଗଲମାନଙ୍କର ଅଦାଲତର ଭାଷା (Court Language) ପରସ୍ୟିକ (Persian) ଥିଲା ଏବଂ ମୁସଲମାନମାନେ ଉର୍ଦ୍ଦୁଭାଷା ବ୍ୟବହାର କରୁଥିଲେ ଯାହାକି ପାରସ୍ୟିକ, ଆରବୀୟ ଏବଂ ସଂସ୍କୃତର ଏକ ମିଶ୍ର ଭାଷା ଥିଲା । ଉଚ୍ଚ ଶିକ୍ଷା ଅଧିକ ପରିମାଣରେ ଧର୍ମ ଉପରେ ଆଧାରିତ ଥିଲା ଏବଂ ଆରବୀୟ ଏବଂ ସଂସ୍କୃତର ଜ୍ଞାନ ଉପରେ ଅତ୍ୟଧିକ ଜୋର ଦିଆଯାଉଥିଲା । କମ୍ପାନୀ କଲିକତାର ଏକ ମାଦ୍ରାସା (୧୭୧୮) ଏବଂ ବନରସର ଏକ ସଂସ୍କୃତ ମହାବିଦ୍ୟାଳୟକୁ (୧୭୯୨)କିଛି ଆର୍ଥିକ ଅନୁଦାନ ପ୍ରଦାନ

ଟିପ୍ପଣୀ

କରିଥିଲେ । ୧୭୭୪ରୁ ୧୭୮୫ ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ଥିବା ୱାରେନ୍ ହେଷ୍ଟିଙ୍ଗସ୍ ନିଜେ ସଂସ୍କୃତ ଓ ପାରସ୍ୟିକ ଭାଷା ଶିକ୍ଷା ଲାଭ କରିଥିଲେ ଏବଂ କମ୍ପାନୀର ଅନ୍ୟ କେତେକ ଅଧିକାରୀ ମଧ୍ୟ ପ୍ରଚ୍ୟ ବିଦ୍ୟାର ବିଦ୍ୱାନ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଲେ ସାର ଉଇଲିୟମ୍ ଜୋନସ୍ ଯେ କି ଅନେକ ସଂସ୍କୃତ ସାହିତ୍ୟର ଅନୁବାଦ କରିଥିଲେ ଏବଂ ୧୭୮୫ରେ ଏସିୟାଟିକ ସୋସାଇଟି ଅଫ୍ ବେଙ୍ଗଲ (Asistic Society of Bengal)ର ସ୍ଥାପନା କରିଥିଲେ ।

କିନ୍ତୁ ମ୍ୟାକୁଲେ ଏହି ପ୍ରାଚ୍ୟବାଦର ପ୍ରବଳ ବିରୋଧୀ ଥିଲେ । ସେ କହିଥିଲେ, "ମୋର ବିଶ୍ୱାସ ଅଛି ଯେ ବର୍ତ୍ତମାନର ବ୍ୟବସ୍ଥା ସତ୍ୟକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଅବସାନରତ ଭ୍ରାନ୍ତିକୁ ବିଳମ୍ବିତ କରିବ । ଆମ୍ଭ ବୋର୍ଡ଼ (Board) ସର୍ବସାଧାରଣଙ୍କ ଧନକୁ ବରବାଦ କରିବା ପାଇଁ ଏପରି ବହି ଛାପିଲେ ଆମ୍ଭେ ଅଯୌକ୍ତିକ ଇତିହାସ, ଅସଙ୍ଗତ ତତ୍ୱ ଜ୍ଞାନ ମୂଳକ ଶାସ୍ତ୍ର (Metaphysics), ଯୁକ୍ତି ବିରୁଦ୍ଧ ପଦାର୍ଥ ବିଜ୍ଞାନ ଏବଂ ସଙ୍ଗତ ବ୍ରହ୍ମତତ୍ୱ (Theology)କୁ କୃତ୍ରିମ ପ୍ରୋତ୍ସାହନ ଦେବୁ । ଉକ୍ତ ପୁସ୍ତକ ଗୁଡ଼ିକର ମୂଲ୍ୟ ଛପା ଯାଇଥିବା ସାଦା କାଗଜର ମୂଲ୍ୟଠାରୁ ମଧ୍ୟ ଖୁବ୍ କମ୍ ହେବ । ସଂସ୍କୃତ ବା ଆରବୀ ଉପରେ ମୋର କୌଣସି ଜ୍ଞାନ ନଥିଲେ ମଧ୍ୟ ମୁଁ ସେଗୁଡ଼ିକର ଏକ ସଠିକ୍ ମୂଲ୍ୟାୟନ କରିଅଛି । ଏକଥା କୌଣସି ବ୍ୟକ୍ତି ଅମାନ୍ୟ କରିପାରିବ ନାହିଁ ଯେ ଏକ ଉତ୍ତମ ୟୁରୋପୀୟ ପୁସ୍ତକାଳୟର ଏକ ବହିଥାକ ସମଗ୍ର ଭାରତ ଏବଂ ଆରବର ସମ୍ପୂର୍ଣ୍ଣ ସାହିତ୍ୟଠାରୁ ମଧ୍ୟ ଅଧିକ ମୂଲ୍ୟବାନ । ସଂସ୍କୃତ ଭାଷାରେ ଲେଖା ଯାଇଥିବା ସମସ୍ତ ପୁସ୍ତକରୁ ସଂଗୃହୀତ ହୋଇଥିବା ଐତିହାସିକ ଘଟଣାବଳୀ ଇଂଲଣ୍ଡର ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରସ୍ତୁତ ସବୁଠାରୁ କମ୍ ମହତ୍ୱପୂର୍ଣ୍ଣ ଏବଂ ସଂକ୍ଷେପରେ ଲିଖିତ ପୁସ୍ତକଠାରୁ ମଧ୍ୟ କମ୍ ମୂଲ୍ୟବାନ ଅଟେ ।"

ଏହି ସବୁ ଚିନ୍ତାଧାର ପାଇଁ ମ୍ୟାକୁଲେ ବିନାଦ୍ୱିଧାରେ ଇଂରେଜୀ ଶିକ୍ଷା ସପକ୍ଷରେ ମତାମତ ଘୋଷଣା କରିଥିଲେ । ପରନ୍ତୁ ଏହା ସର୍ବସାଧାରଣଙ୍କ ପାଇଁ ପ୍ରଯୁର୍ଯ୍ୟ ନଥିଲା । ଆମ୍ଭର ସୀମିତ ସମ୍ବଳରେ ସମସ୍ତଙ୍କୁ ଶିକ୍ଷିତ କରିବା ଅସମ୍ଭବ ଅଟେ । ବର୍ତ୍ତମାନ ଆମ୍ଭେ ଏପରି ଏକ ବର୍ଗର ସୃଷ୍ଟି ପାଇଁ ସମସ୍ତ ପ୍ରଚେଷ୍ଟା କରିବା ଯେଉଁମାନେ କି ଆମ୍ଭ ଏବଂ ଅନ୍ୟ ଲକ୍ଷାଧିକ ଶାସିତମାନଙ୍କ ମଧ୍ୟରେ ବ୍ୟାଖ୍ୟାକାରୀ (Interpreter) ର କାମ କରିପାରିବେ । ଏହି ବର୍ଗର ଲୋକମାନେ ରକ୍ତ ଏବଂ ବର୍ଣ୍ଣରେ ଭାରତୀୟ କିନ୍ତୁ ରୁଚି, ଅଭିମତ (Opinion), ନୈତିକତା (Morale) ଏବଂ ମାନସିକତାରେ ଇଂରେଜ । ଦେଶର ସ୍ଥାନୀୟ ଭାଷାକୁ ମାର୍ଜିତ କରିବା ପାଇଁ ତଥା ପାଶ୍ଚାତରୁ ଆସିଥିବା ବିଜ୍ଞାନର ଶବ୍ଦାବଳୀ ଦ୍ୱାରା ସମୃଦ୍ଧ କରିବା କାମ ଏହି ବର୍ଗଙ୍କ ଉପରେ ନ୍ୟସ୍ତ କରିବା ପାଇଁ ପ୍ରୟାସ କରାଯାଇଥିଲା । ଏହା ବ୍ୟତୀତ ବିଶାଳ ବର୍ଗର ଜନସଂଖ୍ୟାକୁ ଜ୍ଞାନ ପ୍ରଦାନ ପାଇଁ ଉକ୍ତ ବର୍ଗର ଲୋକଙ୍କୁ ଉପଯୁକ୍ତ ଉପକରଣରେ ସମୃଦ୍ଧ କରିବା ପାଇଁ ଚାହିଁ ଥିଲେ ।

### ୩୨.୨ ପାଠଗତ ପ୍ରଶ୍ନ

ସଠିକ୍ ଉତ୍ତରରେ ଠିକ୍ ଚିହ୍ନ ପ୍ରଦାନ କର ।

୧. ............ପର୍ଯ୍ୟନ୍ତ ପାରସୀକମାନେ ମୋଗଲ ବଂଶର ପ୍ରତୀକ ହିସାବରେ ଥିଲେ (୧୮୩୧, ୧୮୩୩, ୧୮୩୫)



ଟିପ୍ପଣୀ

୨. ଯାହା ଧରାଯାଉ ରାଜଧାନୀ ବମ୍ବେରେ ଦେଖା ଯାଉଥିଲା ସଠିକ୍ ତାହା ......... ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଦେଶିକ ନଗରମାନଙ୍କରେ ଦୃଷ୍ଟି ଗୋଚର ହେଉ ନଥିଲା । (୧୭ଶ, ୧୮ଶ, ୧୯ଶ)

୩. ଭାରତର ଏକ ସ୍ମାରକ ଇତିହାସ ଲେଖିବା ପରେ ଜେମସ୍ ମିଲ ............ ଶତାବ୍ଦୀରେ କମ୍ପାନୀର ଏକ ବରିଷ୍ଠ ଅଧିକାରୀ ହୋଇଥିଲେ । (୧୭୧୯, ୧୮୧୯, ୧୯୧୯)

୪. ସାର ଉଇଲିୟମ ଜୋନ୍ସ ଏକ ବିଶାଳ ମାତ୍ରାରେ ସଂସ୍କୃତ ସାହିତ୍ୟର ଅନୁବାଦ କରିଥିଲେ ଏବଂ ................ରେ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲର ସ୍ଥାପନା କରିଥିଲେ । (୧୭୮୫, ୧୮୩୫, ୧୮୮୫)

## ୩୨.୫ ଔପନିବେଶିକ ଉପକରଣ

୧୭୮୫ ଖ୍ରୀ:ରେ କର୍ଣ୍ଣୱାଲିସ୍ ଭାରତରେ କମ୍ପାନୀ କର୍ମଚାରୀମାନଙ୍କର ଏକ ପେଷାଦାର ଗୋଷ୍ଠୀ ସୃଷ୍ଟି କରିଥିଲେ । ସେମାନେ ଉନ୍ନତମାନର ଦରମା ସହିତ, ନିୟମିତ ପଦୋନ୍ନତି ତଥା ପେନସନ୍ ପାଇବା ସଙ୍ଗେ ସଙ୍ଗେ ଭାରତରେ କୌଣସି ବ୍ୟକ୍ତିଗତ ବ୍ୟବସାୟ ତଥା ଉତ୍ପାଦନ ସମନ୍ଧୀୟ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଥିଲେ । ସମସ୍ତ ଉଚ୍ଚସ୍ତରୀୟ ପଦଗୁଡ଼ିକ ବ୍ରିଟିଶମାନଙ୍କ ପାଇଁ ଆରକ୍ଷୀତ ଥିଲା ଏବଂ ଭାରତୀୟମାନେ ଏଥିରୁ ବହିର୍ଭୁତ ହୋଇଥିଲେ । କର୍ଣ୍ଣୱାଲିସ୍ ବ୍ରିଟିଶ ନ୍ୟାୟାଧୀଶଙ୍କୁ ନିଯୁକ୍ତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ବଙ୍ଗଳାର ପ୍ରତ୍ୟେକ ଜିଲ୍ଲାରେ ଇଂରାଜୀ ଅଧିକାରୀଙ୍କୁ ରାଜସ୍ୱ କଲେକ୍ଟର ତଥା ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ କରିଥିଲେ । ୧୮୦୬ ମସିହାଠାରୁ ନିଜର ନବନିଯୁକ୍ତ ଯୁବକମାନଙ୍କୁ ଲଣ୍ଡନ ନିକଟରେ ଥିବା ହେଲିବରୀ- କଲେଜରେ ପ୍ରଶିକ୍ଷଣ ଦିଆ ଯାଉଥିଲା । ନିଯୁକ୍ତି ଏବେ ସୁଦ୍ଧା ଅନୁଗ୍ରହ ମାଧ୍ୟମରେ କରାଯାଉଥିଲା ଏବଂ ୧୮୩୩ ପରେ କମ୍ପାନୀ ନିଜର ମନୋନୀତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରତିଯୋଗୀତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି କରିବା ଆରମ୍ଭ କରିଥିଲେ । ୧୮୫୩ ପରେ ନିଯୁକ୍ତି ପୁରାପୁରି ଯୋଗ୍ୟତା ଭିତ୍ତିରେ ହେଉଥିଲା ଏବଂ ପରୀକ୍ଷା ଦେବା ପାଇଁ କେବଳ ବ୍ରିଟିଶ ପ୍ରାର୍ଥୀମାନଙ୍କୁ ଅଧିକାର ପ୍ରଦାନ କରାଯାଇଥିଲା । ପରୀକ୍ଷା ପ୍ରଣାଳୀ ଚୀନରେ ପ୍ରଚଳିତ ପ୍ରଣାଳୀ ଦ୍ୱାରା ପ୍ରଭାବିତ ହୋଇଥିଲା । ଯାହାକି ୨୦୦୦ ବର୍ଷ ଧରି ଖୁବ୍ ଭଲ ଭାବରେ ପ୍ରଚଳିତ ଥିଲା ଏବଂ ଶାସ୍ତ୍ରୀୟ ଶିକ୍ଷା ତଥା ସାହିତ୍ୟିକ ସକ୍ଷମତା ଉପରେ ସମାନ ଭାବରେ ଗୁରୁତ୍ୱ ଦେଇଥିଲା । ଭାରତୀୟ ସିଭିଲ ସର୍ଭିସ (Indian Civil Service) ରେ (୧) ଅତ୍ୟଧିକ ବେତନ ମିଳିବା ସହିତ (୨) ରାଜନୈତିକ କ୍ଷମତାର ଅଧିକାରୀ ହୋଇଥିଲେ ଯାହାକି ଇଂଲଣ୍ଡର ଅମଲାତନ୍ତ୍ର କର୍ମଚାରୀମାନେ ପ୍ରାପ୍ତ ହୋଇ ନଥିଲେ ।

୧୮୨୯ରେ ବ୍ରିଟିଶ ଅଧିନରେ ଥିବା ସାରା ଭାରତରେ ଛୋଟ ଛୋଟ ଜିଲ୍ଲା ସ୍ଥାପନ କରି ଉକ୍ତ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରାଯାଇଥିଲା । ଏଗୁଡ଼ିକୁ ଜଣେ ଜଣେ ବ୍ରିଟିଶ ଅଧିକାରୀ ପ୍ରଭାବଶାଳୀ ଢ଼ଙ୍ଗରେ ନିୟନ୍ତ୍ରିତ କରି ପାରୁଥିଲେ । ସେ ଅଧିକାରୀ ଜଣକ ରାଜସ୍ୱ କଲେକ୍ଟର, ନ୍ୟାୟାଧୀଶ ତଥା ପୋଲିସ ବିଭାଗର ମୁଖ୍ୟ ହିସାବରେ କାର୍ଯ୍ୟ କରି (ଯାହାକି ମୋଗଲ ଶାସନ ବ୍ୟବସ୍ଥାରେ ଅଲଗା ହୋଇଥିଲା) ନିଜେ ସମ୍ପୂର୍ଣ୍ଣ ଭାବେ ନିରଙ୍କୁଶ କ୍ଷମତାର ପ୍ରୟୋଗ କରି ପାରୁଥିଲେ । ପରବର୍ତ୍ତି କାଳରେ ଉକ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ ବ୍ରିଟିଶ ସାମ୍ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାର

କେନ୍ଦ୍ରସ୍ଥଳ ହୋଇଥିଲା । ନାଗରିକ ସେବା (Civil Service) ଅନ୍ତିମ ଭାବରେ ବ୍ରିଟିଶ ପାର୍ଲାମେଣ୍ଟର ନିୟନ୍ତ୍ରଣରେ ଥିଲା ଏବଂ ଭାରତରେ ବ୍ରିଟିଶ ସମୁଦାୟ (British Community) କଡ଼ାକଡ଼ି ଭାବେ ପାରସ୍ପରିକ ସତର୍କ ଦୃଷ୍ଟିରେ ଥିବାରୁ ପ୍ରଶାସନ ପ୍ରକୃତରେ ଦୁର୍ନିତିଗ୍ରସ୍ତ ହୋଇ ନଥିଲା ।



ଚିତ୍ର ୩୨.୨ ଷ୍ଟିମ୍ ଇଞ୍ଜିନ୍

କମ୍ପାନୀର ସେନାବାହିନୀ ୨୦୦୦୦ରୁ ୩୦୦୦୦ ବ୍ରିଟିଶ ଅଧିକାରୀ ଏବଂ ସୈନିକଙ୍କ ସହିତ ଏକ ବେତନଭୋଗୀ ସ୍ଥାନୀୟ ସେନା ଥିଲା । ମୁଖ୍ୟତଃ ସାରା ଏସିଆରେ ଏହା ସବୁଠାରୁ ଦକ୍ଷ ତଥା ସର୍ବାଧୁନିକ ସେନା ଥିଲା । ୧୮୫୭ ବିଦ୍ରୋହର ପରେ ପରେ ବ୍ରିଟିଶ ସୈନ୍ୟ ଦଳର ଆକାର ସମଗ୍ର ସୈନ୍ୟବାହିନୀର ଏକ ତୃତୀୟାଂଶ କରା ଯାଇଥିଲା । ୧୯୨୦ ଦଶକରେ ଅଳ୍ପ କିଛି ଭାରତୀୟମାନଙ୍କୁ ନିଯୁକ୍ତି ଦେବା ପର୍ଯ୍ୟନ୍ତ ସମସ୍ତ ଅଫିସରମାନେ ବ୍ରିଟିଶ ନାଗରିକ ଥିଲେ । ସାଧାରଣ ଭାବେ ସେନାବାହିନୀର ସଂଖ୍ୟା ପ୍ରାୟ ୨,୦୦,୦୦୦୦ ଥିଲା । ଉକ୍ତ ସେନା ମୋଗଲ ସେନା ତୁଳନାରେ ଅତ୍ୟନ୍ତ କମ୍ ସଂଖ୍ୟକ ଥିଲା ମାତ୍ର ଉତ୍ତମ ପ୍ରଶିକ୍ଷଣ ତଥା ଉପକରଣରେ ସଜ୍ଜିତ ହୋଇଥିଲେ । ଏହା ବ୍ୟତୀତ ରେଳ ବ୍ୟବସ୍ଥା (ଯାହାକି କିୟଦାଂଶରେ ସୈନ୍ୟବାହିନୀ ପାଇଁ ନିର୍ମିତ ହୋଇଥିଲା) ଏହାକୁ ଅତ୍ୟଧିକ ଗତିଶୀଳତା ଅଧିକ ସୁବିଧା (Logistics) ପ୍ରଦାନ କରିବା ସହିତ ଗୁପ୍ତବାର୍ତ୍ତା ପ୍ରଦାନ କରିଥିଲା ।

୧୯୨୦ ଦଶକ ପର୍ଯ୍ୟନ୍ତ ପ୍ରଶାସନର ଉଚ୍ଚ ଶ୍ରେଣୀରେ ସାଧାରଣତଃ ବ୍ରିଟିଶମାନେ ନିୟୋଜିତ ହୋଇଥିଲେ ଯେତେବେଳେ ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ (Indian Civil Service) ପରୀକ୍ଷା ଇଂଲଣ୍ଡରେ ହେବା ସମୟରେ ମଧ୍ଯ ଭାରତରେ ଅନୁଷ୍ଠିତ ହୋଇଥିଲା । ଏହା ବ୍ୟତୀତ ଅନ୍ୟାନ୍ୟ ଅମଲାତାନ୍ତ୍ରିକ ପଦାନୁକ୍ରମର (hierarchy) ଉଚ୍ଚତର ପଦବୀରେ ବ୍ରିଟିଶମାନେ ହିଁ ଥିଲେ । ସେଗୁଡ଼ିକ ହେଲା ରାଜସ୍ୱ, ନ୍ୟାୟ, ପୁଲିସ, ଶିକ୍ଷା, ଚିକିତ୍ସା, ପୂର୍ତ୍ତ ବିଭାଗ (Public work), ଇଞ୍ଜିନିୟରିଂ, ଡ଼ାକ ତଥା ରେଳ ସେବା ସହିତ ପ୍ରାନ୍ତିୟ ସିଭିଲ ସେବା (Provincial Civil Service) । ଏହିପରି ଭାବେ ଭାରତ ବ୍ରିଟିଶ ମଧ୍ୟ ଏବଂ ଉଚ୍ଚତର ବର୍ଗର ଲୋକଙ୍କର ଏକ ବୃହତ ଅଂଶକୁ (ମୁଖ୍ୟତଃ ସ୍କଟଲାଣ୍ଡ ଏବଂ ଆୟାରଲାଣ୍ଡର ବାହ୍ୟ ସଦସ୍ୟଙ୍କ ପାଇଁ) ଅତ୍ୟଧିକ ବେତନ ଥିବା ପେସା (Career) ପ୍ରଦାନ କରିଥିଲା ।

୧୮୨୦ ଦଶକରୁ ୧୮୫୦ ଦଶକ ମଧ୍ୟରେ ବ୍ରିଟିଶମାନେ ଭାରତୀୟ ସାମାଜିକ ସଂସ୍ଥାଗୁଡ଼ିକୁ ବଦଳାଇବା ପାଇଁ ତଥା ଭାରତକୁ ପଶ୍ଚିମୀକରଣ କରିବା ପାଇଁ ପ୍ରବଳ ଲାଳସା ଦେଖାଇଥିଲେ । ଏମାନେ ଶିଶୁହତ୍ୟା ତଥା ମୃତ ସ୍ୱାମୀ ଚିତାଗ୍ନିରେ ଝାସ ଦେଉଥିବା ସତୀଦାହ ପ୍ରଥାକୁ ଉଠାଇ

ଟିପ୍ପଣୀ

ଦେଇଥିଲେ। ସେମାନେ କ୍ରୀତଦାସ ପ୍ରଥା (Slavery) ତଥା ରାଜମାର୍ଗରେ ଲୁଟ୍ ତରାଜ କରୁଥିବା ଠଗମାନଙ୍କୁ ଉତ୍ପାଟନ କରିଥିଲେ। ଏହା ବ୍ୟତୀତ ବିଧବା ବିବାହକୁ ବୈଧତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିଆନ ହୋଇଥିବା ହିନ୍ଦୁମାନଙ୍କୁ ନିଜ ପୈତୃକ ସମ୍ପତ୍ତିର ଭାଗିଦାର ହେବା ପାଇଁ ଅନୁମତି ପ୍ରଦାନ କରିଥିଲେ। ସେମାନେ ବ୍ରିଟିଶ ଆଇନ ଉପରେ ଆଧାରିତ ଏକ ଦଣ୍ଡ-ସଂହିତା ପ୍ରଚଳନ କରିଥିଲେ (ଏହା ପ୍ରକୃତରେ ୧୮୬୧ରେ ପ୍ରଚଳିତ ହୋଇଥିଲା)ଯାହାକି ସମାନତାର କିଛି ଚିନ୍ତାଧାରା ମନୁଷ୍ୟ ମନରେ ନିବଦ୍ଧ କରିଥିଲା। ଉକ୍ତ ନୂତନ ଆଇନ ଅନୁସାରେ ବ୍ରାହ୍ମଣ ଏବଂ ଶୁଦ୍ର ସମାନ ଅପରାଧ ପାଇଁ ସମାନ ଦଣ୍ଡର ଭାଗୀଦାର ହେଲେ। ଏହି ପ୍ରକାର ଆଇନର ରାଜ ଏବଂ ଆଇନ ଆଗରେ ସମସ୍ତେ ସମାନ ଏବେ ନୂଆ ମାନଦଣ୍ଡ ହୋଇଥିଲା।

୧୯୫୭ ପର୍ଯ୍ୟନ୍ତ ଏହା ବିଶ୍ୱାସ ଯୋଗ୍ୟ ହୋଇଥିଲା ଯେ ଇଂରେଜମାନେ ଆସ୍ତେ ଆସ୍ତେ ଭାରତୀୟ ପରମ୍ପରାକୁ ନଷ୍ଟ କରି ଦେଶକୁ ପଶ୍ଚିମିକରଣ କରିଦେବେ। କିନ୍ତୁ ପଶ୍ଚିମିକରଣ ପାଇଁ ଅତି ସକ୍ରିୟ ନୀତି ଏବଂ ଦେଶୀୟ ରାଜ୍ୟଗୁଡ଼ିକୁ ଅଧିକାର କରି ବ୍ରିଟିଶ ସାମ୍ରାଜ୍ୟର ବିସ୍ତାର କରିବା ଦ୍ୱାରା ରାଜ୍ୟଗୁଡ଼ିକର କୌଣସି ଉତ୍ତରାଧିକାରୀ ନଥିଲେ। ଏହା ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟକୁ ଉତ୍ତେଜିତ କରି ୧୯୫୭ର ସିପାହୀ ବିଦ୍ରୋହରେ ସାମିଲ କରିଥିଲା। ଯଦିଓ ନିଷ୍ପାପର ଭାରତୀୟ ସୈନିକ ତଥା ନିକଟ ଅତୀତରେ ପରାଜୟ ବରଣ କରିଥିବା ଶିଖ ମାନଙ୍କ ମିଳିତ ଉଦ୍ୟମରେ ଉକ୍ତ ବିଦ୍ରୋହକୁ ବଳପୂର୍ବକ ଦମନ କରାଯାଇଥିଲେ ତଥାପି ଭାରତୀୟ ସଂସ୍ଥା ଓ ସମାଜ ପ୍ରତି ବ୍ରିଟିଶ ନୀତିଗୁଡ଼ିକ ଅତ୍ୟନ୍ତ ସଂସ୍କାର ବିରୋଧୀ ହୋଇଥିଲା। ଏହାପରେ ଭାରତ ବ୍ରିଟିଶ ରାଜତନ୍ତ୍ର ଦ୍ୱାରା ସିଧା ସଳଖ ଭାବରେ ଶାସିତ ହେଲା ତଥା ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଭଙ୍ଗ କରାଗଲା। ଭାରତୀୟ ସିଭିଲ୍ ସେବା ଇଷ୍ଟ ଇଣ୍ଡିଆ କମ୍ପାନୀ ତୁଳନାରେ ନୂତନ ବିଚାରଧାରା ସମ୍ପନ୍ନ ଅଳ୍ପ ସଂଖ୍ୟକ ଲୋକଙ୍କୁ ଆକର୍ଷଣ କଲା ଏବଂ ଲଣ୍ଡନଠାରୁ ଏହା ଉପରେ କଡ଼ା ନିୟନ୍ତ୍ରଣ ସ୍ଥାପନ କରାଗଲା।

ବ୍ରିଟିଶ ଅବଶିଷ୍ଟ ଦେଶୀୟ ରାଜକୁମାରଙ୍କ ସହିତ ଏକ ଚୁକ୍ତି କରି ନୂତନ ଅଞ୍ଚଳ ଅଧିକାର କରିବାରୁ ବିରତ ହୋଇଥିଲେ। ନିଜ ଶାସନର ଶେଷ ପର୍ଯ୍ୟନ୍ତ ପ୍ରାୟ ଭାରତର ଜନ ସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଅର୍ଦ୍ଧ-ସ୍ୱୟଂଶାସିତ ଦେଶୀୟ ରାଜ୍ୟରେ ରହିଥିଲେ। ଏଗୁଡ଼ିକରେ ବ୍ରିଟିଶ ରେସିଡ଼େଣ୍ଟସ୍ ଥିବା ସତ୍ତ୍ୱେ ଆଭ୍ୟନ୍ତରୀଣ ନୀତିରେ ପ୍ରାୟ ସ୍ୱାଧୀନ ଥିଲେ ଏହାଦ୍ୱାରା ପାଶ୍ଚାତ୍ୟକରଣ ପ୍ରଚେଷ୍ଟାରେ ଗତିରୋଧ ହୋଇଥିଲା।

ଏଠାରେ ବିକଶିତ ହୋଇଥିବା ଶିକ୍ଷା ବ୍ୟବସ୍ଥା ବ୍ରିଟିଶ ଶିକ୍ଷା ପ୍ରଣାଳୀର ଫିକା ପ୍ରତିବିମ୍ୱ ଥିଲା। ୧୮୫୭ରେ କଲିକତା. ବମ୍ବେ ଏବଂ ମାଡ୍ରାସରେ ତିନୋଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏଗୁଡ଼ିକ କେବଳ ପରୀକ୍ଷା ପରିଚାଳନା କରୁଥିଲେ। ଏଣୁ ଏଠାରେ କୌଣସି ପ୍ରକାର ପାଠ ପଢ଼ାଇବା କାର୍ଯ୍ୟକ୍ରମ ନଥିଲା। ଉଚ୍ଚ ଶିକ୍ଷା ଅନୁବନ୍ଧିତ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା। ଏଠାରେ ଦୁଇବର୍ଷିଆ ବି.ଏ. ପାଠ୍ୟକ୍ରମ ପ୍ରଦାନ କରାଯାଉଥିଲା ଯେଉଁଥିରେ କି ପାଠ୍ୟକ୍ରମର ମୁଖସ୍ତ ତଥା ପରୀକ୍ଷା ଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ଅଧାରୁ ପାଠ ପଢ଼ା ଛାଡ଼ି ଦେବା ଛାତ୍ରମାନଙ୍କ ସଂଖ୍ୟା ଅତ୍ୟଧିକ ଥିଲା। ବିଶ୍ଳେଷଣ କ୍ଷମତା ଏବଂ ସ୍ୱାଧୀନଭାବେ ଚିନ୍ତାଧାରାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ନଥିଲା। ସେମାନେ ଏପରି ସ୍ନାତକମାନଙ୍କୁ ତିଆରି କରୁଥିଲେ ଯେ ସେମାନେ ଇଂରାଜୀରେ ଅର୍ଦ୍ଧପକ୍ୱ ଅବସ୍ଥାରେ ରହି



ଟିପ୍ପଣୀ



ପାଶ୍ଚାତ୍ୟକରଣ ଦ୍ୱାରା ଏଭଳି ଅନୁପ୍ରାଣିତ ହୋଇଥିଲେ ଯେ ଏମାନେ ନିଜ ନିଜ ସଂସ୍କୃତିଠାରୁ ଦୂରେଇ ଯାଇଥିଲେ । ୧୯୨୦ ଦଶକ ପର୍ଯ୍ୟନ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷା ପ୍ରଦାନ କାର୍ଯ୍ୟର ଆରମ୍ଭ କରି ନଥିଲେ ଏବଂ ଏହାପରେ କେବଳ ଏମ୍.ଏ. ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଦାନର ବ୍ୟବସ୍ଥା କରାଯାଇଥିଲା । ଏହା ବ୍ୟତୀତ ଭାରତୀୟ ଶିକ୍ଷା ମୁଖ୍ୟତ ସ୍ୱାକ୍ଷରତା ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏଥିରେ ବୈଷୟିକ ପ୍ରଶିକ୍ଷଣର ବ୍ୟବସ୍ଥା ଯେକୌଣସି ୟୁରୋପୀୟ ଦେଶ ତୁଳନାରେ ବହୁତ କମ୍ ଥିଲା । ଉନବିଂଶ ଶତାବ୍ଦୀରେ ନାରୀ ଶିକ୍ଷା ସମ୍ପୂର୍ଣ୍ଣ ଭାବେ ଉପେକ୍ଷିତ ହୋଇ ରହିଥିଲା । ଉଚ୍ଚ ଶିକ୍ଷା ଇଂରାଜୀ ଭାଷା ମାଧ୍ୟମରେ ପ୍ରଦାନ କରା ଯାଉଥିବାରୁ ପାଶ୍ଚାତ ସାହିତ୍ୟକୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ପାଇଁ କୌଣସି ସରକାରୀ ପ୍ରଚେଷ୍ଟା ହୋଇ ନଥିଲା । ଏଥି ସହିତ ଭାରତୀୟ ଲିପିଗୁଡ଼ିକୁ ସମାନ କରିବା (Standardise) ପାଇଁ ମଧ୍ୟ ପ୍ରଚେଷ୍ଟା ହୋଇ ନଥିଲା । ଉକ୍ତ ଲିପିମାନଙ୍କର ବିବିଧତା ଶିକ୍ଷିତ ଭାରତୀୟମାନଙ୍କ ମଧ୍ୟରେ ବହୁ ଭାଷାବାଦର ଏକ ବଡ଼ ବାଧା ପ୍ରଦାନକାରୀ ସାଜିଥିଲା ।

ପ୍ରାଥମିକ ଶିକ୍ଷାକୁ ସରକାର ନିଜର ଗୁରୁ ଦାୟୀତ୍ୱ ହିସାବରେ ଗ୍ରହଣ କରି ନଥିଲେ ଏବଂ ଏହା ମୁଖ୍ୟତଃ ଦୁର୍ବଳ ସ୍ଥାନୀୟ ଅଧିକାରୀଙ୍କ ଆର୍ଥିକ ଅନୁଦାନ ଉପରେ ନିର୍ଭରଶୀଳ ଥିଲା । ଏହା ଫଳରେ ଜନସଂଖ୍ୟାର ଏକ ବୃହତ୍ ଅଂଶ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ ଏବଂ ୧୯୪୭ରେ ସ୍ୱାଧୀନତା ଲାଭ ବେଳକୁ ଜନସଂଖ୍ୟାର ୮୮ ପ୍ରତିଶତ ଲୋକ ସ୍ୱାକ୍ଷର ନ ଥିଲେ । ୧୯୩୦ ଦଶକରୁ ଏହାର ପ୍ରଗତିର ବେଗ ଦୃଢ଼ ହେବା ସତ୍ତ୍ୱେ ସ୍ୱାଧୀନତା ପାଇବା ବେଳକୁ ଦେଶର ପିଲାମାନଙ୍କ ମଧ୍ୟରୁ ମାତ୍ର ଏକ ପଞ୍ଚମାଂସ ପ୍ରାଥମିକ ଶିକ୍ଷାଲାଭ କରୁଥିଲେ । ସାମାଜିକ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ, ଧାର୍ମିକ ଅନ୍ଧ ବିଶ୍ୱାସକୁ ଦୂର କରିବା ପାଇଁ, ଉତ୍ପାଦନର ବୃଦ୍ଧି ପାଇଁ ତଥା ନାରୀମାନଙ୍କ ସ୍ଥିତିର ଉନ୍ନତି ପାଇଁ ଶିକ୍ଷା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏପରି ପ୍ରୟୋଗ କରିବା ପରିବର୍ତ୍ତେ ଏହାକୁ ଏକ କ୍ଷୁଦ୍ର ଆଭିଜାତ୍ୟ ବର୍ଗକୁ ବ୍ରିଟିଶ୍‌କୁ ଏପରି ପ୍ରୟୋଗ କରିବା ପରିବର୍ତ୍ତେ ଏହାକୁ ଏକ କ୍ଷୁଦ୍ର ଆଭିଜାତ୍ୟ ବର୍ଗକୁ ବ୍ରିଟିଶ୍‌କୁ ଅନୁକରଣ କରିବା ପାଇଁ ତଥା ଏକ ଅପେକ୍ଷାକୃତ ବଡ଼ ସଂଖ୍ୟକକୁ ସରକାରୀ କିରାଣୀ ରୂପେ ଅଧିଷ୍ଠୀତ କରିବା ପାଇଁ ପ୍ରୟୋଗ କରାଯାଇଥିଲା ।

## ୩୨.୬ ଔପନିବେଶୀକ ରାଷ୍ଟ୍ରରେ ପରିବର୍ତ୍ତନ

ବ୍ରିଟିଶ୍‌ମାନେ ଭାରତୀୟ ସମାଜରେ ଯେଉଁ ମୁଖ୍ୟ ପରିବର୍ତ୍ତନ ଆଣିଥିଲେ ତାହା ଉଚ୍ଚବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସେମାନେ ଅପବ୍ୟୟକାରୀ ସମ୍ଭ୍ରାନ୍ତ ନେତାମାନଙ୍କୁ ଏକ ବାସ୍ତବ ପ୍ରୋୟଗବିତମାନଙ୍କ ଦ୍ୱାରା ପରିକଳ୍ପିତ ଏକ ଅମଲାତାନ୍ତ୍ରୀକ-ସୈନିକ-ସଂସ୍ଥାପନ ଦ୍ୱାରା ବଦଳାଇ ଦିଆ ଯାଇଥିଲା ଯାହାକି ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଅତି ଦକ୍ଷ ଥିଲା । ଉଚ୍ଚ ସରକାରୀ ଦକ୍ଷତା ଦ୍ୱାରା ରାଜକୋଷ ଉପରେ ବୋଝ କମି ଯାଇଥିଲା ଏବଂ ରାଷ୍ଟ୍ରୀୟ ଉତ୍ପାଦନର ଏକ ବୃହତ୍ତ ଅଂଶ ଜମିଦାର, ପୁଞ୍ଜିପତି ଏବଂ ନୂତନ ପ୍ରଫେସନାଲ/ବୃତ୍ତି ଅବଲମ୍ବନକାରୀ ବର୍ଗର ଲୋକଙ୍କ ପାଇଁ ଉପଲବ୍ଧ ହୋଇଥିଲା । ଉକ୍ତ ଉଚ୍ଚବର୍ଗର ଆୟର କିଛି ଅଂଶ ବ୍ରିଟେନକୁ ଯାଉଥିବା ବେଳେ ଅଧିକାଂଶ ଭାରତରେ ଖର୍ଚ୍ଚ ହେଉଥିଲା । କିନ୍ତୁ ଉପଭୋଗ ଶୈଳୀରେ ଏକ ବିଶାଳ ପରିବର୍ତ୍ତନ ଦେଖା ଯାଇଥିଲା ଏବଂ ନୂତନ ଉଚ୍ଚବର୍ଗ ଏବେ ରାଣୀହଂସପୁରି (harem), ପ୍ରାସାଦ ଆଦି ରଖୁ ନଥିଲେ ଅଥବା ଉତ୍କୃଷ୍ଟ ମୁସ୍‌ଲିନ୍ ପୋଷାକ ପରିଧାନ ଏବଂ ସୁସଜ୍ଜିତ ଖଣ୍ଡା ଆଦି ଧାରଣ କରୁନଥିଲେ । ଏହାଦ୍ୱାରା ପରମ୍ପରା ଗତ ହସ୍ତଶିଳ୍ପ କ୍ଷେତ୍ରରେ କିଛି ଦୁଃଖଦାୟକ ପରିସ୍ଥିତି ସୃଷ୍ଟି ହୋଇଥିଲା । ସରକାର ନିଜେ ରେଲୱେ ଏବଂ



ଟିପ୍ପଣୀ

ଜଳସେଚନରେ ପୁଞ୍ଜି ନିବେଶ କରିବାରୁ ଉଭୟ କୃଷି ଏବଂ ଉଦ୍ୟୋଗରେ ଉତ୍ପାଦନ ବୃଦ୍ଧି ଘଟିଥିଲା । ଇଂରେଜୀ ସ୍କୁଲ ଏବଂ ଭାଷା ବ୍ୟବହାର କରି ଏକ ଶିକ୍ଷିତ ଗୋଷ୍ଠୀ ନୂତନ ପାଶ୍ଚାତ ଜୀବନ-ଶୈଳୀ ସ୍ଥାପନ କରିଥିଲେ । ଏମାନଙ୍କ ପାଇଁ ସହର ସୀମାବର୍ତ୍ତି ଅଞ୍ଚଳରେ ନିବାସ ସ୍ଥାନ ଏବଂ ନଗରୀ ସୁବିଧା ସୁଯୋଗ ସହିତ ନୂତନ ନଗରମାନ ସ୍ଥାପନ କରାଯାଇଥିଲା । ଓକିଲ, ଡ଼ାକ୍ତର, ଶିକ୍ଷକ, ପତ୍ରିକାର ଏବଂ ବ୍ୟବସାୟୀ ଇତ୍ୟାଦି ନୂତନ ଶିକ୍ଷିତ ବୃତ୍ତିଧାରୀମାନେ ଏମାନଙ୍କର ଜୀବନ ଶୈଳୀକୁ ଅନୁକରଣ କରିବାରେ ଲାଗିଲେ । ଉକ୍ତ ଗୋଷ୍ଠୀ ମଧ୍ୟରେ ପୁରାତନ ଜାତିପ୍ରଥା ଫିକା ପଡିବା ସହିତ ସାମାଜିକ ଗତିଶୀଳତା ବୃଦ୍ଧି ପାଇଥିଲା ।

ଦେଶର ସର୍ବସାଧାରଣଙ୍କ ଜୀବନ ଶୈଳୀ ଉପରେ ଔପନିବେଶିକ ସରକାର ସେପରିଭାବେ ବିଶେଷ କିଛି ପରିବର୍ତ୍ତନର ପ୍ରଭାବ ବିସ୍ତାର କରି ପାରିନଥିଲା । ବ୍ରିଟିଶ ଶିକ୍ଷାର ପ୍ରସାର ଖୁବ୍ ସୀମିତ ଥିଲା । ଗ୍ରାମୀଣ ସମାଜ, ଜାତି ପ୍ରଥା, ଛୁଆଁ ଅଛୁଆଁ ଭାବ, ଯୌଥ ପାରିବାରିକ ବ୍ୟବସ୍ଥା ତଥା କୃଷି ଉତ୍ପାଦନର ପ୍ରକ୍ରୀୟାରେ ସେଭଳି କୌଣସି ପରିବର୍ତ୍ତନ ଦେଖା ଦେଇ ନ ଥିଲା । ତେଣୁ ଆର୍ଥିକ ତଥା ସାମାଜିକ ବିକାଶରେ ଇଂରେଜ ଶାସନ ବିଶେଷ ପ୍ରଭାବ ପକାଇ ପାରି ନ ଥିଲା । ସମ୍ପୂର୍ଣ୍ଣ ଉତ୍ପାଦନ ତଥା ଜନ ସଂଖ୍ୟାରେ ବହୁ ମାତ୍ରାରେ ବୃଦ୍ଧି ଘଟିଥିଲେ ମଧ୍ୟ ବ୍ୟକ୍ତିଗତ ଆୟ (Percapita income) ରେ ଖୁବ୍ କମ୍ ଅଥବା ଅତି ନଗଣ୍ୟ ବୃଦ୍ଧି ଘଟିଥିଲା ।

## ୩୨.୩ ପାଠଗତ ପ୍ରଶ୍ନ

ଶୂନ୍ୟସ୍ଥାନ ପୂରଣ କର ।

୧. ସମସ୍ତ ଉଚ୍ଚ ସ୍ତରୀୟ ପଦଗୁଡ଼ିକ ବ୍ରିଟିଶମାନଙ୍କ ପାଇଁ ଆରକ୍ଷୀତ ଥିଲା ଏବଂ ଭାରତୀୟମାନେ ଏମାନଙ୍କ ଠାରୁ ................ ଥିଲେ ।

୨. ସିଭିଲ୍ ସେବା ଅନ୍ତତଃ ବ୍ରିଟିସ୍ .............. ର ନିୟନ୍ତ୍ରଣର ଅଧିନରେ ଥିଲା ଏବଂ ଭାରତରେ ବ୍ରିଟିସ୍ ସମୁଦାୟ ପରସ୍ପରର କଡ଼ା ନଜରର ଅଧିନରେ ଥିଲେ । ଏଣୁ ପ୍ରଶାସନ ................ ଥିଲା ।

୩. ବ୍ରିଟିସ୍ ସେନା ମୋଗଲ ସେନାଠାରୁ ଅତ୍ୟଧିକ.............. କିନ୍ତୁ ଉତ୍ତମ ପ୍ରଶିକ୍ଷିତ ଏବଂ..............ଥିଲା ।

୪. ...........ସିଧା ଦାୟୀତ୍ୱ ବହନ କଲେ ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ................ କରି ଦିଆଗଲା ।

ଭାରତରେ ବ୍ରିଟଶ୍ ସାମ୍ରାଜ୍ୟ ନିଜ ଚେଷ୍ଟାରେ ବିକଶିତ ହୋଇଥିଲା । ଇଂରେଜମାନେ ନୀଚ ବର୍ଗର ଲୋକଙ୍କ ସହିତ ବିବାହ ଅଥବା ଖିଆପିଆ କରୁନଥିଲେ । ରାଜ୍ୟଜୟ ଏବଂ କୁଟନୈତିକ ସମ୍ପର୍କ ବ୍ୟତିତ ନୂତନ ସଂସ୍କାର ବିକାଶ ଜରିଆରେ ରାଷ୍ଟ୍ରକୁ ବଜାୟରଖିଥିଲେ । ଏହା ଦ୍ୱାରା ସାହେବମାନେ ଦେଶୀୟ ଲୋକଙ୍କ ଠାରୁ ଅଲଗା ହୋଇ ରହିଥିଲେ । ଆଂଗ୍ଲୋ-ଭାରତୀୟ କ୍ରିଅଲ (Creole) ବର୍ଗ ଭାରତୀୟ ଅଥବା ସ୍ଥାନୀୟ ବ୍ରିଟିସ୍ ସମାଜ ସହିତ ମିଶି ନପାରି ପରିତ୍ୟକ୍ତ ଅବସ୍ଥାରେ ରହିଥିଲେ । ବ୍ରିଟିଶମାନେ ସେମାନଙ୍କର କ୍ଲବ ଏବଂ ବଙ୍ଗଳା ଗୁଡିକୁ କ୍ୟାଣ୍ଟନମେଣ୍ଟ (Cantoment) ଏବଂ ସିଭିଲ୍ ଲାଇନ୍ (Civil line) କୁହାଯାଉଥିବା ବିଶିଷ୍ଟ ଉପନଗରୀରେ ରଖିଥିଲେ । ମୋଗଲ ପରମ୍ପରା ଅନୁସାରେ ସେମାନେ ସରକାରୀ ଜାକଜମକ, ବୃହତ ପ୍ରାସାଦ ଏବଂ ବିଶାଳ ସଂଖ୍ୟକ ଚାକର ବାକର ରଖୁଥିଲେ । ନିଜର ଶାସ୍ତ୍ରୀୟ ଶିକ୍ଷା ତଥା ବ୍ୟବସାୟ ପ୍ରତି ଘୃଣା ପ୍ରଦର୍ଶନ କରି ଶିକ୍ଷିତ ଗୋଷ୍ଠି ଆଇନ-କାନୁନ ବ୍ୟବସ୍ଥା ସ୍ଥାପନକରି



ଟିପ୍ପଣୀ



ବର୍ଗରମାନଙ୍କୁ ସୀମାଠାରୁ ଦୂରରେ ରଖି ଖୁସିରେ କାଳଯାପନ କରୁଥିଲେ । ନିଜକୁ ଲୋକପ୍ରିୟ ପରିବର୍ତ୍ତେ ଉତ୍ତମ ସରକାର ପ୍ରଦାନକାରୀ କହି ଏମାନେ ନିଜର ନ୍ୟାୟ ସଂଗତ ଦର୍ପର ଏକ ଭିନ୍ନ ପ୍ରକାର ବିକାଶ କରିଥିଲେ । ଏମାନଙ୍କ ପାଖରେ ବ୍ରିଟିଶ ଶବ୍ଦ ଏହାର ଭୌଗଳିକ ସମ୍ପର୍କ ହରାଇ ବସିଥିଲା ଏବଂ ଭାରତୀୟ ଉପନିବେଶ ଉପରେ ଶାସନ କରିବା ପାଇଁ ନୈତିକ ଔଚିତ୍ୟର ଉପନାମ ହୋଇଥିଲା ।

**ତୁମ୍ଭେ କ'ଣ ଶିଖିଲ ।**

ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୋଗଲ ସାମ୍ରାଜ୍ୟର ପତନ ହୋଇଥିଲା । ବ୍ରିଟିଶମାନେ ଇଷ୍ଟ ଇଣ୍ଡିଆ କମ୍ପାନୀ ମାଧ୍ୟମରେ ଭାରତର ଏକ କ୍ଷେତ୍ରୀୟ ସାମ୍ରାଜ୍ୟ ସ୍ଥାପନ କରିବା ପାଇଁ ପ୍ରୟାସ କରିଥିଲେ । ଔପନିବେଶିକ ରାଷ୍ଟ୍ରର ଅର୍ଥ ହେଲା କୌଣସି ଦେଶର ସାର୍ବଭୌମତ୍ୱ ଗ୍ରହଣ କରିବା ବ୍ରିଟିଶ ଭାରତରେ ଔପନିବେଶିକ ଶାସନକୁ ନିଜର ବିଚାରଧାରା ଅନୁସାରେ ସଂଗଠିତ କରିଥିଲେ ଯେ ଔପନିବେଶିକ ରାଷ୍ଟ୍ର କିପରି ହେବା ଉଚିତ୍ । ଏକ ଆଧୁନିକ ରାଷ୍ଟ୍ର ପରି ଔପନିବେଶିକ ସରକାରଙ୍କ ପାଖରେ ସେନାବାହିନୀର ଏକକ ଅଧିକାର, ଏକ କେନ୍ଦ୍ରିୟ ପ୍ରଶାସନ ଏବଂ ସ୍ପଷ୍ଟ ନିର୍ଦ୍ଧାରିତ ସୀମା ରହିବା ଦରକାର ।

ଉନବିଂଶ ଶତାବ୍ଦୀରେ ଏକ ରାଜକୀୟ ବିଚାରଧାରାର ଉଦୟ ହୋଇଥିଲା, ଯାହାଦ୍ୱାରା ବିଶ୍ୱର ସବୁଠାରୁ ଧନୀ ଏବଂ ପ୍ରଗତିଶୀଳ ରାଷ୍ଟ୍ର ଇଂଲଣ୍ଡର କର୍ତ୍ତବ୍ୟ ଥିଲା ଯେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କର ଉନ୍ନତି ତଥା ପ୍ରଗତି ପାଇଁ ସାହାଯ୍ୟ ପ୍ରଦାନ କରିବା । ଔପନିବେଶିକ ସରକାରଙ୍କର ମୁଖ୍ୟ ଦାୟିତ୍ୱ ହେଲା ଭୂ-ରାଜସ୍ୱ ଆଦାୟ କରିବା ତଥା ଆଇନ ଅନୁଯାୟୀ ପ୍ରଶାସନକୁ କାର୍ଯ୍ୟକାରୀ କରିବ ।

ବଳ ପ୍ରୟୋଗ ଦ୍ୱାରା ଅଧିନସ୍ତ କଲା ପରେ ରାଷ୍ଟ୍ରର ପ୍ରଥାକୁ ସମସ୍ତ ପ୍ରଜାଙ୍କ ଦୃଷ୍ଟିଗୋଚର କରାଇବା ଆବଶ୍ୟକ । ଔପନିବେଶିକ ନିୟନ୍ତ୍ରଣର ପ୍ରାଥମିକ ଚରଣରେ ଦେଶୀୟ ନାଗରୀକ ପ୍ରଶାସନ ମଧ୍ୟ ଚାଲୁ ରହିଥିଲ ।

୧୭୮୫ରେ କର୍ଣ୍ଣୱାଲିସ୍ କମ୍ପାନୀର କର୍ମଚାରୀଙ୍କ ପାଇଁ ଏକ ପେଷାଦାର ଆଇନ (Progres-sional) ର ସ୍ଥାପନ କରିଥିଲେ । ଏହାଦ୍ୱାରା ସମସ୍ତ ଉଚ୍ଚ ପଦଗୁଡ଼ିକ ବ୍ରିଟିଶମାନଙ୍କ ପାଇଁ ଆରକ୍ଷୀତ ଥିଲା ଏବଂ ଭାରତୀୟମାନଙ୍କୁ ବହିଷ୍କାର କରାଯାଇଥିଲା । କମ୍ପାନୀର ସୈନ୍ୟବାହିନୀର ୨୦,୦୦୦ରୁ ୩୦,୦୦୦ ବ୍ରିଟିଶ୍ ଅଧିକାରୀ ଏବଂ ସୈନିକଙ୍କ ସହିତ ଦରମା ପ୍ରାପ୍ତ ଭାରତୀୟ ସେନାମାନେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ।

୧୯୨୦ ଦଶକ ପର୍ଯ୍ୟନ୍ତ ପ୍ରଶାସନର ଉଚ୍ଚ ଶ୍ରେଣୀରେ ପ୍ରାୟ ବ୍ରିଟିଶମାନେ ରହିଥିଲେ । କାରଣ ସେ ପର୍ଯ୍ୟନ୍ତ ଭାରତୀୟ ସିଭିଲ୍ ସେବା ପରୀକ୍ଷା ଇଂଲଣ୍ଡରେ ହେବା ସମୟରେ ଭାରତରେ ହେଉ ନଥିଲା । ବ୍ରିଟିଶମାନେ ଭାରତୀୟ ସାମାଜିକ ବ୍ୟବସ୍ଥାକୁ ବଦଳାଇ ଭାରତରେ ପାଶ୍ଚାତକରଣକୁ ଉତ୍ସାହିତ କରିବା ପାଇଁ ପ୍ରବଳ ଲାଳସା ଏବଂ ଚେଷ୍ଟା କରିଥିଲେ । ସେମାନେ ଶିଶୁ ହତ୍ୟା ତଥା ସତୀ ପ୍ରଥାର ଉଚ୍ଛେଦ କରିବା ସହିତ ବିଧବା ବିବାହକୁ ଆଇନ ଅନୁସାରେ ବୈଧତା ପ୍ରଦାନ କରିଥିଲେ । ଏହା ସହିତ ଖ୍ରୀଷ୍ଟ ଧର୍ମରେ ଦିକ୍ଷୀତମାନଙ୍କୁ ନିଜ ପୈତୃକ ସମ୍ପତ୍ତିର ହକ୍‌ଦାର ହେବା ପାଇଁ ଆଇନ୍ ପ୍ରଣୟନ କରିଥିଲେ । ୧୮୫୭ରେ କଲିକତା, ମାଡ୍ରାସ ଏବଂ ବମ୍ବେରେ ତିନୋଟି ବିଶ୍ୱବିଦ୍ୟାଳୟ ଖୋଲିଥିଲେ ।



ଟିପ୍ପଣୀ

ଇଂରେଜମାନେ ମୁଖ୍ୟତ କ୍ୟାଣ୍ଟନମେଣ୍ଟ ଓ ସିଭିଲ୍ ଲାଇନ୍ କହୁଥିବା ବିଶେଷ ଉପନଗରୀରେ ଥିବା ନିଜର କ୍ଲବ ତଥା ବଙ୍ଗଳା ପର୍ଯ୍ୟନ୍ତ ସୀମିତ ଥିଲେ । ଗ୍ରାମୀଣ ସମାଜ, ଜାତିପ୍ରଥା, ଛୁଆଁ ଅଛୁଆଁ ଭାବ, ଯୌଥ ପରିବାର ପ୍ରଥା ତଥା କୃଷି ଉତ୍ପାଦନ ପଦ୍ଧତିରେ ପ୍ରାୟ କୌଣସି ବଡ଼ ପରିବର୍ତ୍ତନ ଦେଖାଯାଇ ନଥିଲା ।

## ପାଠାନ୍ତ ପ୍ରଶ୍ନ

୧. ଔପନିବେଶିକ ରାଷ୍ଟ୍ରର ଅର୍ଥ ଏବଂ ସ୍ୱରୂପ ବର୍ଣ୍ଣନା କର ।

୨. ଔପନିବେଶିକ ବାଦର ବିଚାରଧାରା କ'ଣ ଥିଲା? ଏବଂ ସିଦ୍ଧାନ୍ତକାର କିଏ ଥିଲେ?

୩. ଔପନିବେଶିକ ଉପକରଣ ଉପରେ ମତଦାନ କର ।

୪. ଔପନିବେଶିକ ଶାସନ ଅଧିନରେ ହୋଇଥିବା ପରିବର୍ତ୍ତନଗୁଡ଼ିକ ଉଲ୍ଲେଖ କର ।

**୩୨.୧ ପାଠଗତ ପ୍ରଶ୍ନର ଉତ୍ତର**

୧. ଅଷ୍ଟାଦଶ

୨. ୧୮୧୩

୩. ଔଦ୍ୟୋଗିକ

୪. ନିର୍ମିତ

**୩୨.୨**

୧. ୧୮୩୫

୨. ୧୯

୩. ୧୮୧୯

୪. ୧୭୮୫

**୩୨.୩**

୧. ବହିଷ୍କୃତ

୨. ସଂସଦ, ସଙ୍କୋଚ

୩. ଛୋଟ ଉପକରଣ

୪. ରାଜକୀୟ, ଭଙ୍ଗ

**ପାଠାନ୍ତ ପ୍ରଶ୍ନ ପାଇଁ ସଙ୍କେତ**

୧. ଅନୁଚ୍ଛେଦ ୩୨.୧ ଦେଖ

୨. ଅନୁଚ୍ଛେଦ ୩୨.୪ ଦେଖ

୩. ଅନୁଚ୍ଛେଦ ୩୨.୫ ଦେଖ

୪. ଅନୁଚ୍ଛେଦ ୩୨.୬ ଦେଖ